ବର୍ଷ-୨୬, ସଂଖ୍ୟା-୧୯୩
ଭୁବନେଶ୍ୱର
୧୯, ଜୁଲାଇ ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 193
Bhubaneswar
19 July, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତି



ପୁରୀ୧୮।୭(ମହାଭାରତ): ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତି । ରଥ ଉପରେ ସଂନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଥିଲା । ଶ୍ରୀଜୀଉ ମାନେ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଛନ୍ତି । ପ୍ରଥମେ ଶ୍ରୀ ସୁଦର୍ଶନ, ପରେ ଶ୍ରୀ ବଳଭଦ୍ର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି । ଏହାପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଛି । ଆଡ଼ପ ପହଣ୍ଡି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତାକାଲି ଠାରୁ ଆଡ଼ପ ଦର୍ଶନ ସାଙ୍ଗକୁ ଭକ୍ତ ଆଡ଼ପ ଅବଢ଼ା ପାଇପାରିବେ । ନବଦିନାତ୍ମକ ରଥଯାତ୍ରା ଉତ୍ସବରେ ଶ୍ରୀଜିଉମାନେ ଗୁଣ୍ଡିଚା ମନ୍ଦିରରେ ସପ୍ତାହେ ବ୍ୟାପୀ ଅବସ୍ଥାନ କରିବେ। ଜନ୍ମବେଦିରେ ଲୀଳା ରଚିବେ । ଯାହାକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଅନ୍ୟ ଏକ ନିଦର୍ଶନ ।

ଅନୁକୂଳ ପାଗ ଯୋଗୁଁ ପୁରୀକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଶରଧାବାଲିରେ ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ । ପହଣ୍ଡି ସମୟରେ ଘଂଟ ଘଂଟା, ବିଜେ କାହାଳୀ, ଶଙ୍ଖର ଧ୍ୱନୀ ସାଙ୍ଗକୁ ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠୁଛି ଗଗନ ପବନ । ପୁରି ଉଠୁଛି ଶରଧାବାଲି । ରଥ ଉପରେ ସଂନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଛି। ପରେ ରୁନ୍ଧା ନୀତି ବଢ଼ି ବଡ ସିଂହାର ବେଶ କରି ପହୁଡ ହୋଇଛି। ଆସନ୍ତା କାଲି ଠାରୁ ଜନ୍ମ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ । ରବିବାର ଠାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅବଢ଼ା ଉପଲବ୍ଧ ହେବ। ଶ୍ରୀଜୀଉଙ୍କ ଆଡ଼ପ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।

ଘୋଷଯାତ୍ରାର ଦ୍ୱିତୀୟ ଦିନରେ ଗତକାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଅପରାହ୍ନ ୩ଟା ସୁଦ୍ଧା ଲାଗିଥିଲା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ତିନି ରଥ ଚତୁଃପାର୍ଶ୍ୱରେ କର୍ଡ଼ନ କରାଯାଇଛି । ସଶସ୍ତ୍ର ପୋଲିସ ବାହିନୀ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି ।ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନ ସମେତ ବଡଦାଣ୍ଡ, ରଥ ଚାରିପାଖ, ସମୁଦ୍ର କୂଳ ଓ ରେଳଷ୍ଟେସନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି ।

# ବେଆଇନ ବାଣକାରଖାନାରେ ବିସ୍ଫୋରଣ; ୮ ମୃତ

ଅହମ୍ମଦାବାଦ, ୧୮।୭(ମହାଭାରତ): ଗୁଜରାଟର ଅହମ୍ମଦାବାଦରେ ଶନିବାର ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ସିଭିଲ୍ ହସ୍ପିଟାଲ ଏବଂ ମଣିନଗରର ଏଲ୍.ଜି. (ଖଏ) ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସହରର ବସ୍ତଲ ଅଞ୍ଚଳରେ ଥିବା ଏକ ଫାର୍ମରେ 'ଟ୍ୟାଲେଣ୍ଟ ଫାୟାରୱର୍କସ' ନାମକ ଏହି କାରଖାନାଟି ଚାଲୁଥିଲା। ଏହି କାରଖାନାର ଲାଇସେନ୍ସ ବାତିଲ କରି ଦିଆଯାଇଥିବାରୁ ଏହା ଏହି ଫାର୍ମରେ



ବେଆଇନ ଭାବେ ବାଣ ତିଆରି କରୁଥିଲା। ଅଗ୍ନିଶମ ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ଅପରାହ୍ନ ୩.୩୦ ମିନିଟରେ ସେମାନଙ୍କୁ ଏହି ବିସ୍ଫୋରଣ ସମ୍ପର୍କରେ ଫୋନ୍ କଲ୍ ମିଳିଥିଲା। ଅଗ୍ନିଶମ ବିଭାଗ ଏବଂ ଆର.ଏ.ଏଫ୍. ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ସହାୟତା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ବେଆଇନ ବାଣ କାରଖାନା ବସ୍ତଲରେ ଥିବା ରାପିଡ ଆକ୍ସନ ଫୋର୍ସ କ୍ୟାମ୍ପ ପଛରେ ଚାଲିଥିଲା। ବିସୋଫୋରଣ ଶବ୍ଦ ଶୁଣି ଘଟଣାସ୍ଥଳରେ ପ୍ରଥମେ ଆରଏଏଫ ଯବାନମାନେ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ସହିତ ମୃତ ବ୍ୟକ୍ତିଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ଦିବ୍ୟାଙ୍ଗ ଭାଇଭଉଣୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଆମ ସରକାରର ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଆଜି ଏକ ଅପୂର୍ବ ଆତ୍ମୀୟତା ଭରା ମୁହୂର୍ତ୍ତର ସାକ୍ଷୀ ହୋଇଛି। କେନ୍ଦୁଝରର 'ସେବା ଫାଉଣ୍ଡେସନ୍' ସଂଗଠନର ପ୍ରାୟ ୫୦ ଜଣ ବାକ୍ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସରଳ ଏବଂ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖି ଏହି ସ୍ୱତନ୍ତ୍ର ଅତିଥିମାନେ ଅତ୍ୟନ୍ତ ଆନନ୍ଦିତ ଓ ଉତ୍ସାହିତ ହୋଇଥିଲେ । ଏହି ସାକ୍ଷାତକାର



ପରେ ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ନେଇ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା କାଳରେ ବାଳିକାମାନଙ୍କୁ ବର୍ତ୍ତମାନ ସଂଗଠନ ପକ୍ଷରୁ ସିଲାଇ ଏବଂ ହସ୍ତଶିଳ୍ପର ପ୍ରଶିକ୍ଷଣ ଦିଆଯାଉଛି ବୋଲି ଅବଗତ ହେବା ପରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଂଗଠନର କର୍ମକର୍ତ୍ତା ଓ ବାଳିକାମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି । ତେଣୁ ଏହି ପ୍ରଶିକ୍ଷିତ ବାଳିକାମାନଙ୍କୁ ସେହି ସବୁ ଶିଳ୍ପସଂସ୍ଥା ସହିତ ଯୋଡ଼ି ସେମାନଙ୍କ ପାଇଁ ନିଯୁକ୍ତିର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ସେ କହିଥିଲେ। ଏହାଦ୍ୱାରା ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସମାଜରେ ଏକ ସମ୍ମାନଜନକ ଜୀବନ ବିତାଇପାରିବେ। ଆମ ସରକାର ପ୍ରତିଟି ଦିବ୍ୟାଙ୍ଗ ଭାଇଭଉଣୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ଉପଯୁକ୍ତ ସୁଯୋଗ ଦେଇ ଆତ୍ମନିର୍ଭରଶୀଳ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ । ନୂତନ ଉଦ୍ୟୋଗୀ ମାନଙ୍କ ବିକାଶ ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଅବଦାନ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସେ ଆଲୋଚନା କରିଥିଲେ ।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ନିୟମିତ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝି ପଦକ୍ଷେପ ନିଅ

ଭୁବନେଶ୍ୱର, ୧୮।୭(ମହାଭାରତ):: ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇ କହିଛନ୍ତି।




ଆଜି ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ।

ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ଆଞ୍ଚଳିକ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଧୈର୍ଯ୍ୟର ସହ କାମ କରନ୍ତୁ। ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ସମସ୍ୟା ଆଣନ୍ତୁ। ତା ସହିତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ମଧ୍ୟ ଆପଣମାନଙ୍କ ବିଭିନ୍ନ ବିଷୟ ଉପରେ ପଦକ୍ଷେପ ନେବେ। ଜିଲ୍ଲା ସ୍ତରରେ ଆପଣମାନେ ଯେଭଳି ଉପଯୁକ୍ତ ସମ୍ମାନର ସହ କାମ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ସେ କହିଥିଲେ ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝନ୍ତୁ, ସେହି ଅନୁଯାୟୀ ପଦକ୍ଷେପ ନିଅନ୍ତୁ। 'ଶରଣ୍ଣ, ଡର ଉବଭ' ମନୋବୃତ୍ତି ନେଇ ଲୋକଙ୍କ ସେବା କରନ୍ତୁ। ନିଶ୍ଚିତ ରୂପେ ସଫଳତା ମିଳିବ।

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ସେ କହିଥିଲେ ଆମ ଜନଜାତି ସଂପ୍ରଦାୟଙ୍କ ଭାଷା, କଳା ଓ ସଂସ୍କୃତି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର। ଜନଜାତି କଳା ଓ ସଂସ୍କୃତିର ବିବିଧତା ଆମ ଓଡିଶାର ଓ ଦେଶର ସାମଗ୍ରିକ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଆମେ ଆଜି ଯେତେବେଳେ ବିକାଶର ମାର୍ଗରେ ଆଗକୁ ବଢୁଛୁ, ସେତେବେଳେ ଆମର ଏହି ମହାନ ସଂସ୍କୃତିକୁ ପଛରେ ପକେଇ ହେବ ନାହିଁ। ତା'ର ସଂରକ୍ଷଣ ଓ ବିକାଶ ପାଇଁ ଆମକୁ କାମ କରିବାକୁ ପଡିବ।

ସମ୍ବିଧାନର ଧାରା ୨୭୫(୧)ର ପ୍ରାବଧାନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା।

ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆଦି କର୍ମଯୋଗୀ ଅଭିଯାନ, ଧରତୀ ଆବା ଜନଭାଗିଦାରୀ ଅଭିଯାନ, ପି.ଏମ୍. ଜନ୍‌ମନ୍ ଆଦି ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହିତ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ରାଜ୍ୟ ସରକାରଙ୍କୁ ଜନଜାତି ଉନ୍ନୟନ ଓ କଲ୍ୟାଣ ପାଇଁ ୧୮,୩୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ। ଏହି ଅର୍ଥ ଜନଜାତି କଲ୍ୟାଣ ପାଇଁ ଉପଯୋଗ କରାଯାଉଛି ବୋଲି ସେ କହିଥିଲେ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ବିକାଶ କିଭଳି ତଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବ ତାକୁ ଲକ୍ଷ୍ୟ ରଖି ଏହି ପରିଷଦ ଗଠନ କରାଯାଇଛି। ଏହି ପରିଷଦ ମାଧ୍ୟମରେ, ଆପଣମାନଙ୍କ ଜରିଆରେ ଜନଜାତି ବିକାଶ ସହିତ ସେମାନଙ୍କର କଳା, ସଂସ୍କୃତି ଓ ଐତିହ୍ୟ ସବୁଦିନ ପାଇଁ ସୁରକ୍ଷିତ ହୋଇ ରହିପାରିବ। ତୃଣମୂଳ ସ୍ତରରେ ରହିଥିବା ସମସ୍ୟା ସମ୍ପର୍କରେ ଆପଣମାନେ ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ । ତା'ର ସମାଧାନ କରାଯିବ। ନିଷ୍ଠାର ସହ ଜନଜାତି କଲ୍ୟାଣ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ। ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ସେ କହିଥିଲେ।

ଉନ୍ନୟନ କମିଶନର ଶ୍ରୀ ଦେଓରଞ୍ଜନ କୁମାର ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବି. ପରମେଶ୍ୱରନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ଏପ୍ରିଲ-ମେ'ରେ ପଂଚାୟତ ଓ ପୌର ନିର୍ବାଚନ

ଭୁବନେଶ୍ୱର, ୧୮।୭(ମହାଭାରତ): ଆସନ୍ତାବର୍ଷ ଏପ୍ରିଲ-ମେ ମାସରେ ରାଜ୍ୟରେ ଉଭୟ ପଂଚାୟତ ଓ ପୌର ନିର୍ବାଚନ ହେବ। ରାଜ୍ୟର ସମସ୍ତ ୧୪୩ଟି ଏନଏଏସି, ମ୍ୟୁନିସପାଲଟି ଓ ମହାନଗର ନିଗମରେ ଭୋଟ୍ ଗ୍ରହଣ କରାଯିବ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି। ଏହି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିଜର ପ୍ରସ୍ତୁତି ଜୋରଦାର କରିଥିବାବେଳେ ଆସନ୍ତା ୨୧ତାରିଖରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ବୋଲି ଜଣାପଡିଛି।

ଏପଟେ ଜୁଲାଇ ୧୫ତାରିଖରେ ୩୫ଟି ନୂଆ ପୌରାଂଚଳର ଅଧ୍ୟକ୍ଷ ପଦବୀ ସମେତ ପୁରୀ ଓ ସମ୍ବଲପୁର ମହାନଗର ନିଗମର ମେୟର ପଦବୀ ନିମନ୍ତେ ରାଜ୍ୟ ପୌର ପ୍ରଶାସକଙ୍କ ଦ୍ୱାରା ଚିଠା ସଂରକ୍ଷଣ ପ୍ରସ୍ତାବ ଜାରି ହେବା ପରେ ରାଜ୍ୟରେ ରାଜନୀତିକ ପାଣିପାଗ ସରଗରମ ହୋଇଛି। ଶାସକ ବିଜେପି ଏବଂ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟରେ ବୟାନବାଜି ତୀବ୍ର ହେବାରେ ଲାଗିଛି।

ଏ ସମ୍ପର୍କରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି ଯେ, ଜୁଲାଇ ୧୫ରେ ପୌରାଂଚଳ ଅଧ୍ୟକ୍ଷ ପଦବୀ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଏବେ ତୃଣମୂଳସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରାଯିବ। ଆସନ୍ତା ଅକ୍ଟୋବର ମାସରୁ ଇଲେକ୍ଟ୍ରିକାଲ ରୋଲ୍ ବା ଭୋଟର ତାଲିକା ପ୍ରସ୍ତୁତି କାମ ଆରମ୍ଭ ହେବ।

ଆସନ୍ତାବର୍ଷ ମାର୍ଚ୍ଚ ମାସରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ। ଏହାପରେ ଏପ୍ରିଲ କିମ୍ବା ମେ' ମାସ ଆଡକୁ ରାଜ୍ୟରେ ଭୋଟ୍ ଗ୍ରହଣ କରାଯିବ। ଆୟୋଗଙ୍କ ପକ୍ଷରୁ ମୋଟ ୧୪୩ଟି ପୌରପାଳିକା, ଏନଏସି ଏବଂ ମ୍ୟୁନିସିପାଲ କର୍ପୋରେସନ ପାଇଁ ନିର୍ବାଚନ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

ଏବେସୁଦ୍ଧା ୧୨ ହଜାର ଇଭିଏମ୍ ମେସିନ ପ୍ରସ୍ତୁତ ଥିବାବେଳେ ଆଉ ୬ ହଜାର ନୂଆ ଇଭିଏମ୍ ପାଇଁ ଅର୍ଡର ଦିଆଯାଇଛି । ଇଭିଏମ୍ ପାଇଁ ଆବଶ୍ୟକୀୟ ବାଲଟପେପର ଓ ଗାଡି ପାଇଁ ମଧ୍ୟ ଆୟୋଗ ଅର୍ଡର କରିସାରିଛନ୍ତି । ଏନଏସିଗୁଡିକରେ ପ୍ରତି ୱାର୍ଡରେ ଗୋଟିଏ ଲେଖାଏଁ ବୁଥ୍ ସ୍ଥାପନ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମକୁ ନେଇ ହାଇକୋର୍ଟରେ ଲାଗି ରହିଥିବା ଆଇନଗତ ସମସ୍ୟାର ସମାଧାନ ହୋଇସାରିଛି ଓ ଏଥିପାଇଁ ସରକାରୀ ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ ପାଇସାରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।



ସୂଚନା ଅନୁସାରେ, ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପ୍ରକ୍ରିୟାର ସବିଶେଷ ପରିଚାଳନା ଓ ରଣନୀତି ଉପରେ ଆଲୋଚନା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢୀଙ୍କ ଅଧ୍ୟକ୍ଷତାରେ ଜୁଲାଇ ୨୧ରେ ଅନଲାଇନରେ ଜିଲ୍ଲାପାଳମାନଙ୍କର ଅନୁଷ୍ଠିତ ହେବ। ଏହି ବୈଠକରେ 'ଘରକୁ ଘର ବୁଲି ସର୍ଭେ'ର ସବିଶେଷ ଯୋଜନା, ୱାର୍ଡ ଅନୁସାରେ ଭୋଟର ମ୍ୟାପିଙ୍ଗ ଓ ବୁଥସ୍ତରୀୟ ପ୍ରସ୍ତୁତି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ଏହି ନିର୍ବାଚନୀ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରସଙ୍ଗକୁ ନେଇ ରାଜନୈତିକ ବୟାନବାଜି ଜୋରଦାର ହୋଇଛି। ପିସିସି ସଭାପତି ଭକ୍ତ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କଂଗ୍ରେସ ଉଭୟ ପୌର ଓ ପଂଚାୟତ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ସରକାର ସହରାଂଚଳରେ କୌଣସି ଜନକଲ୍ୟାଣକାରୀ ଯୋଜନା କରିନାହାନ୍ତି, ତେଣୁ ଜନତା ତାଙ୍କୁ କଦାପି ଗ୍ରହଣ କରିବେ ନାହିଁ। ବାସ୍ତବରେ ସରକାର କେବଳ ନିର୍ବାଚନ ନାଁରେ ଭେଳିକି ଦେଖାଉଛନ୍ତି। ଆମେ କରୁଛୁ କରୁଛୁ ବୋଲି ସରକାର କେବଳ କହିବେ କିନ୍ତୁ ନିର୍ବାଚନ କରାଇବାକୁ ପଛଘୁଂଚା ଦେବେ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂଆ ଏନଏସି ଓ ପୌରପାଳିକା ଗଠନ ନେଇ ଘୋଷଣା କରିଥିଲେ। ବିଜେପି ସରକାର ଆସିବାପରେ ଏହି ପ୍ରକ୍ରିୟା ଆଗକୁ ବାଉଛି ସତ, କିନ୍ତୁ ମାତ୍ର ୩୫ଟି ଅଂଚଳକୁ ଏଥିରେ ସାମିଲ କରାଯାଇଥିବାରୁ ଅନ୍ୟ ଅଂଚଳର ଲୋକଙ୍କ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ରହିଛି। ଏହି ଅସନ୍ତୋଷ କାରଣରୁ ସରକାର ଭୟରେ ଜାଣିଶୁଣି ପଂଚାୟତ ନିର୍ବାଚନକୁ ଘୁଂଚାଇ ଦେଇଛନ୍ତି। ପୌର ନିର୍ବାଚନ ହେଲେ ବିଜେଡି ନିଶ୍ଚିତ ଭାବେ ବିଜୟୀ ହେବ ଓ ଯଦିଓ କିଛି ପୌରଧ୍ୟକ୍ଷ ବିଜେପିମୁହାଁ ହେଉଛନ୍ତି ତଥାପି ସାଧାରଣ ଲୋକେ ଏବେ ବି ବିଜେଡି ସହିତ ଅଛନ୍ତି ବୋଲି ସେ ଦାବି କରିଛନ୍ତି ।ତେବେ ଏହାର ପାଲଟା ଜବାବ ଦେଇ ଶାସକ ବିଜେପି ବିଧାୟକ ସନାତନ ବିଜୁଳି କହିଛନ୍ତି ଯେ, ବିଜେପି ସରକାର ଯାହା କହେ, ତାହା କାର୍ଯ୍ୟରେ କରି ଦେଖାଏ । ବିଜେଡି ସରକାର କେବଳ ଘୋଷଣା କରୁଥିଲେ, ମାତ୍ର କୌଣସି କାଗଜପତ୍ର କାମ କରି ନଥିଲେ । ଏବେ ବିଜେପି ସରକାର କାଗଜପତ୍ର କାମ ସାରି ଓ ଘୋଷଣା କରିବା ସହ ନିର୍ବାଚନ ବି କରିବାକୁ ଯାଉଛନ୍ତି। ଏଥିପାଇଁ ବିଜେପି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଅନେକ ପୌର ପ୍ରତିନିଧି ଏବେ ବିଜେପିମୁହାଁ ହେଉଛନ୍ତି ଓ ଯେଉଁଠି ବି ନିର୍ବାଚନ ହେବ, ସେଠାରେ ଭୋଟ୍ ବିଜେପି ଖାତାକୁ ହିଁ ଆସିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ୟାମି ଶ୍ରେଷ୍ଠ ଅଭିନେତ୍ରୀ, କାର୍ତ୍ତିକ ଶ୍ରେଷ୍ଠ ଅଭିନେତା

ନୂଆଦିଲ୍ଲୀ: ୧୮।୭(ମହାଭାରତ): ଚଳଚ୍ଚିତ୍ର କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଭାରତ ସରକାରଙ୍କ ପକ୍ଷରୁ ଶନିବାର ୭୨ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୨୦୨୬ ବର୍ଷ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଆର୍ଟିକିଲ ୩୭୦' ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଓ 'ଲହରୀ'କୁ ସର୍ବଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଛି।



'ଆର୍ଟିକିଲ୍ ୩୭୦' ପାଇଁ ୟାମି ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି। 'ବ୍ରମାୟୁଗମ୍' ପାଇଁ ମାମୁଟି ଓ 'ଚନ୍ଦୁ ଚାମ୍ପିଅନ୍' ପାଇଁ କାର୍ତ୍ତିକ ଆର୍ଯ୍ୟନଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ବିଜେତା ଘୋଷଣା କରାଯାଇଛି। ରାଜକୁମାର ପେରିଆସାମି 'ଅମରନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ମନୋରଞ୍ଜନ ପ୍ରଦାନକାରୀ ଚଳଚ୍ଚିତ୍ର ପୁରସ୍କାର 'କଲକୀ ୨୮୯୮ ଏଡି' କୁ ଓ ଜାତୀୟ, ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ 'କ୍ୟାପ୍ଟେନ ମିଲର' ବିଜେତା ହୋଇଛି। ଶ୍ରେଷ୍ଠ ସହ ଅଭିନେତା ଭାବରେ 'ଭକ୍ଷକ' ପାଇଁ ସଞ୍ଜୟ ମିଶ୍ରଙ୍କୁ ବିଜେତା ଘୋଷଣା କରାଯାଇଛି। ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ 'ମିଥା (କନ୍ନଡ)' ପାଇଁ ରୋପାଶ୍ରୀ ଭାର୍କାଡି ଓ 'ମହାରାଜା (ତାମିଲ)' ପାଇଁ ସଚ୍‌ଚାନା ନମିଦାସ୍‌ଙ୍କ ନାମ ଘୋଷଣା କରାଯାଇଛି। 'ଶ୍ରୀକାନ୍ତ'କୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର , 'ରାୟଣ'କୁ ଶ୍ରେଷ୍ଠ ତାମିଲ୍ ଚଳଚ୍ଚିତ୍ର, 'କମିଟି କୁରୋଲୁ'କୁ ଶ୍ରେଷ୍ଠ ତେଲୁଗୁ ଚଳଚ୍ଚିତ୍ର, 'ମୁକ୍କମ୍ ପୋଷ୍ଟ ବୋମ୍ବିଲୱାଡି'କୁ ଶ୍ରେଷ୍ଠ ମରାଠୀ ଚଳଚ୍ଚିତ୍ର ଘୋଷଣା କରାଯାଇଛି। 'ସୁନୀତା' ଶ୍ରେଷ୍ଠ ମଣିପୁରୀ ଚଳଚ୍ଚିତ୍ର ହୋଇଛି। ଅଭୟ ଯୋଧପୁର ଶ୍ରେଷ୍ଠ ପୁରୁଷ ପ୍ରଚ୍ଛଦପଟ୍ଟ ଗାୟକ ଓ ଭାଇକମ୍ ବିଜୟଲକ୍ଷ୍ମୀ ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ବିବେଚିତ ହୋଇଛନ୍ତି। ମାଲାୟଲମ ଚଳଚ୍ଚିତ୍ର ନିର୍ମାତା ଜୟରାଜ ଫିଲ୍ମ ଜୁରିର ଅଧ୍ୟକ୍ଷତା କରିଥିଲେ। ୨୦୨୪ରେ ସିବିଏଫ୍‌ସି ଦ୍ୱାରା ପ୍ରମାଣିତ ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି।

## ଆଳୁ ପୁରି’

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛଲୁଣୀରେ ଚଲାଇ ନିଅନ୍ତୁ୍ୟ ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



### ଖବର

## ସାମ୍ନାକୁ ଆସିଲା ବାରାଣସୀରେ ପ୍ରିୟଙ୍କା ଚୋପ୍ରାଙ୍କ ନୂତନ ଲୁକ୍



ପ୍ରଖ୍ୟାତ ନିର୍ଦ୍ଦେଶକ ଏସଏସ ରାଜାମୌଳିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ବାରାଣସୀ ପାଇଁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି।

ଏବେ, ପ୍ରିୟଙ୍କାଚୋପ୍ରାଙ୍କ ଏକ ନୂତନ ଲୁକ୍ ପ୍ରକାଶ ପାଇଛି। ତାଙ୍କୁ ପୂର୍ବରୁ ମନ୍ଦାକିନୀ ଭାବରେ ପରିଚିତ କରାଯାଇଥିଲା। ବର୍ତ୍ତମାନ, ର୍ନିମାତା ଫିଲ୍ମରୁ ପ୍ରିୟଙ୍କା ଚୋପ୍ରାଙ୍କ ନୂତନ ଲୁକ୍ ଉ ନ୍ମ ।ଚନ କରିଛନ୍ତି।ନିର୍ଦ୍ଦେଶକ ଏସଏସ ରାଜାମୌଳି ନିଜେ ତାଙ୍କ ଇନଷ୍ଟାଗ୍ରାମରେ ପ୍ରିୟଙ୍କା ଚୋପ୍ରାଙ୍କ ନୂତନ ଲୁକ୍ ର ଫଟୋ ସେୟାର କରିଛନ୍ତି। ରାଜାମୌଳି ପ୍ରିୟଙ୍କାଙ୍କ ଦୁଇଟି ଫଟୋ ସେୟାର କରିଛନ୍ତି, ଯେଉଁଥିରୁ ଗୋଟିଏରେ ସେ କଳା ପୋଷାକରେ ରାଗିଥିବା ଦେଖାଯାଉଛି ।ଦ୍ୱିତୀୟ ଫଟୋରେ ପ୍ରିୟଙ୍କା ହସି ହସି ଡେଇଁ ନାଚୁଥିବାର ଦେଖାଯାଉଛି। ଏହି ନୂତନ ଲୁକ୍ ରିଲିଜ୍ କରି ରାଜାମୌଳି କ୍ୟାପସନରେ ଲେଖିଛନ୍ତି, ଯେତେବେଳେ ସେ ହସେ, ସେ ଭଦ୍ର; ଯେତେବେଳେ ସେ ହସେ ନାହିଁ, ସେ ନିଆଁରେ ପୋଡ଼ି ଥାଆନ୍ତି। ବାରାଣସୀରେ ମନ୍ଦାକିନୀ ଭାବରେ ପ୍ରିୟଙ୍କା ଚୋପ୍ରା।ସୂଚନାଯୋଗ୍ୟ, ପୂର୍ବତନ ମିସ୍ ୱାର୍ଲଡ ପ୍ରିୟଙ୍କା ଚୋପ୍ରା ବେଶ୍ କିଛି ଦିନ ବ୍ୟବଧାନରେ ବଡ଼ ପରଦାକୁ ଆସୁଛନ୍ତି। ଏସଏସ ରାଜାମୌଳିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ବାରାଣସୀ ତାଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖେ ବୋଲି ପ୍ରିୟଙ୍କା ଚୋପ୍ରା କହିଛନ୍ତି। ଏହି ସିନେମାରେ ସାଉଥ୍ ସୁପରଷ୍ଟାର୍ ମହେଶ ବାବୁ ନାୟକ ଭୂମିକାରେ ଅଛନ୍ତି।

## ଘରକରଣା



˛ଗୋଲାପ ଜାମୁ ନରମ ଏବଂ ଭଲ ହେବା ପାଇଁ ଗୋଲାପଜାମୁ ସାମଗ୍ରୀକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରେସରକୁକରରେ ବସାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ତା’ପରେ ପ୍ରସ୍ତୁତ କରନ୍ତୁ।

˛ଦହିବରା ସଫେଦ ଏବଂ ମୁଲାୟମ ହେବାପାଇଁ ଡାଲିରେ କିଛି ମଇଦା ମିଶାନ୍ତୁ।

˛ଟମାଟୋ କ୍ୟାଚଅପ ପ୍ରସ୍ତୁତି ସମୟରେ ଟମାଟୋ ସହିତ ଖଟା ଅଙ୍ଗୁର ମିଶାନ୍ତୁ। କ୍ୟାଚଅପ ସ୍ୱାଦିଷ୍ଟ ହେବ।

˛ଅଣ୍ଡା ଫେଣ୍ଟିବା ସମୟରେ ସେଥିରେ କିଛି ଲେମ୍ବୁରସ ମିଶାଇଲେ ଆମଲେଟ ଭଲ ହୁଏ। ଯଦି ଏଥିରେ ଦହି ମିଶାଇବେ ଆମଲେଟର ସ୍ୱାଦ ଦ୍ୱିଗୁଣ ହେବ।

˛ଇଡ୍‌ଲି ଘୋଳ ଅଧିକ ପତଳା ହୋଇଗଲେ ସେଥିରେ ଭଜା ରାୱାମିଶାଇ ଦିଅନ୍ତୁ।

˛ନିଜର କିଚେନ ଗେଜେଟ୍ସରେ ସର୍ବଦା ଥ୍ରୀପିନ ପ୍ଲଗ ବ୍ୟବହାର କରନ୍ତୁ। କାରଣ ଟୁପିନ ପ୍ଲଗରେ କରେଣ୍ଟ ମାରିବାର ଭୟଥାଏ।

˛ଫ୍ରିଜରେ କିଛି ଲୁଣ ପକାଇଦେଲେ ଆଇସଟ୍ରେ ଫ୍ରିଜର ଭିତରେ ଲାଗିଯାଏ ନାହିଁ।

˛ବିଜୁଳି ସକେଟ ଏବଂ ଗ୍ୟାସ ଚୁଲା ମଧ୍ୟରେ ସର୍ବଦା ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ।

˛ରୋଷେଇ ଘର ଝରକାରେ ଜାଲି ଲଗାନ୍ତୁ। ଫଳରେ ପବନ ପାସ୍ ହେବା ଏବଂ ନିଆଁ ଲାଗିବାର ଭୟ ରହିବ ନାହିଁ।


˛ସପ୍ତାହକୁ ଥରେ ନିମ୍ବପତ୍ରକୁ ପାଣିରେ ସ ି ଝ । ଇ ସେହିପାଣିରେ ଘର ସଫା କରନ୍ତୁ। ଘରର ବିଷାକ୍ତ କୀଟାଣୁ ମରିଯିବେ।

˛ବିସ୍କୁଟକୁ ଅଧିକ ଦିନ ସତେଜ ତଥା କୁଡ୍‌କୁଡ୍ ରଖିବା ପାଇଁ ସେଥିରେ କିଛି ଚିନି ପକାଇ ଦିଅନ୍ତୁ।

˛କଡିରେ ଲୁଣ ଅଧିକ ହୋଇଗଲେ ସେଥିରେ କିଛି ଜିରାଗୁଣ୍ଡ ଓ ନଡିଆ କାଟି ପକାଇ ଦିଅନ୍ତୁ।

## ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଘଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ ଏଥିରୁ ବଞ୍ଚି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବାତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା



ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗଙ୍କୁ ମଧ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏୟରସୁଣ-ଅଦା ଗଛ ଲଗାଇଲେ ମଧ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ ଦୂରେ ରହିପାରିବେ ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗଙ୍କୁ ଆସିବାକୁ ଦିଏ ନାହିଁ ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ। ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗଙ୍କୁ ମଧ ଦୂରେଇ ରଖିଥାଏ।



## ସଫଳତାର ମନ୍ତ୍ର

ହିନ୍ଦୁ ଧର୍ମରେ ଶ୍ରୀମଦ ଭାଗବତ ଗୀତାକୁ ସର୍ବଶ୍ରେଷ୍ଠ ବେଦ ବା ଶାସ୍ତ୍ର ବୋଲି କୁହାଯାଏ। ଗୀତାରେ ସବୁ ସମସ୍ୟାର ସମାଧାନ ରହିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ନିଜ ଆଚରଣକୁ ନେଇ ମଣିଷ ସର୍ବଦା ଗମ୍ଭୀର ଓ ସତର୍କ ରହିବା ଉଚିତ। ଯେଉଁ ବ୍ୟକ୍ତି ନିଜ ଆଚରଣକୁ ନେଇ ସତର୍କ ରୁହନ୍ତି ନାହିଁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି,

ତଥାପି, ସବୁଠାରୁ ଜଣାଶୁଣା ବ୍ୟକ୍ତିମାନେ।
ସତ୍ୟପ୍ରମାନ କୁରୁତେ
ଲୋକସ୍ତାଡାନୁଭାର୍ଟେଟ୍ ।।

ଗୀତାର ଏହି ଉପଦେଶର ଅର୍ଥ ହେଲା, ମହାନ ବ୍ୟକ୍ତିଙ୍କ ଆଚରଣକୁ ଅନ୍ୟମାନେ ମଧ୍ୟ ଅନୁସରଣ କରନ୍ତି। ସେଥିପାଇଁ ନିଜ ଆଚରଣକୁ ନେଇ ଅନ୍ୟମାନଙ୍କ ପ୍ରତି ଗମ୍ଭୀର ରହିବା ଉଚିତ ଏବଂ ସମସ୍ତଙ୍କୁ ସମ୍ମାନ କରିବା ଉଚିତ। ଯଦି ଆପଣ ଜଣଙ୍କ ଠାରୁ ଖରାପ ବ୍ୟବହାର ଆଶା କରୁନାହାନ୍ତି,ତାହେଲେ ତାଙ୍କ



ସହ ମଧ ଖରାପ ବ୍ୟବହାର କରିବା ଉଚିତ ନୁହେଁ। କାରଣ କଥାରେ ଯାହା ଦେବ ବଦଳରେ ତାହା ପାଇବ। ସମ୍ମାନ ଦେଲେ ହିଁ ସମ୍ମାନ ମିଳିଥାଏ। ଚାଣକ୍ୟଙ୍କ ଚାଣକ୍ୟ ନୀତି ବି ଏହା ହିଁ ଉପଦେଶ ଦିଏ। ଚାଣକ୍ୟଙ୍କ ଅନୁଯାୟୀ, ବ୍ୟକ୍ତି ପଦ-ପ୍ରତିଷ୍ଠା ଓ ଧନ ଯୋଗୁଁ ଶ୍ରେଷ୍ଠ ହୋଇନଥାଏ। ବ୍ୟକ୍ତି ନିଜର ଭଲ ବ୍ୟବହାର ଓ ଆଚରଣ ଦ୍ୱାରା ଶ୍ରେଷ୍ଠ ହୋଇଥାଏ। ସେଥିପାଇଁ ମଣିଷକୁ ସର୍ବଦା ଖରାପ ଅଭ୍ୟାସରୁ ଦୂରେଇ ରହିବା ଆବଶ୍ୟକ। କାରଣ ଖରାପ ଅଭ୍ୟାସ ମଣିଷର ପ୍ରତିଭା ବିନାଶ କରିଥାଏ। ସେଥିପାଇଁ ଜୀବନରେ ସଫଳ ହେବାକୁ ହେଲେ ଖରାପ ଅଭ୍ୟାସ ଛାଡି ଭଲ ଅଭ୍ୟାସ ଆପଣେଇବା ଆବଶ୍ୟକ। ନିନ୍ଦା ଅପବାଦରୁ ମଣିଷକୁ ଦୂରେଇ ରହିବା ଆବଶ୍ୟକ। ଯିଏ ଅନ୍ୟମାନଙ୍କ ଖରାପ ଚିନ୍ତା କରେ ବା ଅନ୍ୟମାନଙ୍କୁ ନିନ୍ଦା କରେ, ସେ ବ୍ୟକ୍ତି ଦିନେ ନିଜେ ହିଁ ଏହିସବୁ ଖରାପ ଗୁଣର ଅଧିକାରୀ ହୋଇଯାଏ। ଆରମ୍ଭରେ ନିନ୍ଦା କରିବାରେ ମଜା ଆସିଥାଏ କିନ୍ତୁ ଧୀରେ ଧୀରେ ସବୁ ଖରାପ ଗୁଣ ନିଜ ଭିତରକୁ ଆସିଥାଏ।

ଚାଣକ୍ୟଙ୍କ ଅନୁସାରେ ମଣିଷକୁ ସର୍ବଦା ଅହଙ୍କାର ଠାରୁ ଦୂରେଇ ରହିବା ଦରକାର। ଅହଙ୍କାରୀ ବ୍ୟକ୍ତି ସବୁବେଳେ ନିଜକୁ ଶ୍ରେଷ୍ଠ ଭାବିଥାଏ ଏବଂ ଏହା ଜୀବନର ସବୁଠାରୁ ବଡ ଭୁଲ। ଏହି ଭୁଲ ଦିନେ ମଣିଷର ପତନର କାରଣ ପାଲଟିଯାଏ। ରାମାୟଣରେ ରାବଣର ଚରିତ୍ର ଏହାର ଜ୍ୱଳନ୍ତ ଉଦାହରଣ। ସମସ୍ତ ବେଦ, ଧର୍ମଗ୍ରନ୍ଥ ଉପଦେଶ ଅନୁଯାୟୀ ସଫଳ ହେବା ପାଇଁ ସର୍ବ ପ୍ରଥମେ ଅହଙ୍କାର ତ୍ୟାଗ କରିବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଅହଙ୍କାର ରହିବ ସେ ପର୍ଯ୍ୟନ୍ତ ସେ ସ୍ନେହ ଓ ପ୍ରେମରୁ ଦୂରେଇ ରହିବ। ଲୋଭ ମଧ୍ୟ ମଣିଷର ଏକ ପ୍ରକାର ଶତ୍ରୁ। ଲୋଭ ସବୁ ପ୍ରକାର ଖରାପ ଗୁଣର କାରକ। ସେଥିପାଇଁ ଲୋଭରୁ ଦୂରେଇ ରହିବା ଉଚିତ। ଲୋଭ କରୁଥିବା ବ୍ୟକ୍ତି କେବେ ବି ସନ୍ତୁଷ୍ଟ ହୋଇନଥାଏ। ଲୋଭ ଯୋଗୁଁ ବ୍ୟକ୍ତିର ଚିତ୍ତ ଶାନ୍ତ ରହେନି ଏବଂ ସେ ସବୁବେଳେ ଅନ୍ୟମାନଙ୍କୁ ଅହଙ୍କାର କରିଥାଏ।

## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ



ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଇ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ ମଜବୁତ କରିପାରେ।

# ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଲୋକାର୍ପିତ

କଟକ, ୧୮।୭ (ମହାଭାରତ): ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ମଙ୍ଗଳବାର ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଶୁଭ ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତି କରିଥିଲେ ମନ୍ତ୍ରୀ ଡା. ମହାପାତ୍ର । ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଆମେ ସୁବବେଳେ ବିକାଶର ରାସ୍ତାରେ ଯିବାକୁ ଚେଷ୍ଟା କରୁଛୁ। ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ। କଟକ ସହର ପାଇଁ ଯାହା ଆବଶ୍ୟକ ଥିବ ତାହାକୁ ଆମେ ପ୍ରାଥମିକତା ଭିତିରେ ପୂରଣ କରିବୁ ବୋଲି ଆଶ୍ୱାସନା ଦେଇଥିଲେ ମୁଖ୍ୟଅତିଥି ।



ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧକ୍ଷା ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। କଟକ ଜିଲ୍ଲାପାଳ ଶ୍ରୀ ଦତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ପ୍ରମୁଖ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଂଟ ସିଷ୍ଟମର ଉଦଘାଟନ କରାଯାଇଥିଲା । ପାଠାଗାର ଉଦଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି । କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମନ୍ତ୍ରୀ ଏହାକୁ ଭରଚୁଆଲି ଶୁଭାରମ୍ଭ କରିଥିଲେ ।

ଏହି ଅତ୍ୟାଧୁନିକ କେନ୍ଦ୍ରୀୟ ପାଠାଗାର କଟକ ସହର ସହିତ ସମଗ୍ର ରାଜ୍ୟର ଗବେଷକ, ଛାତ୍ରଛାତ୍ରୀ ଓ ପାଠକପାଠିକାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ସାବ୍ୟସ୍ତ ହେବା ସହ ଜ୍ଞାନ, ଗବେଷଣା ଓ ବୌଦ୍ଧିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି କହିଥିଲେ କଟକ ମହାନଗର ନିଗନର କମିଶନର ସୁଶ୍ରୀ କୀରଣଦୀପ କୌର ସହୋତା ଏବଂ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ।

ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଂଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିଛି । ବାଦାମବାଡ଼ି ଅଂଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର। ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛନ୍ତି । ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟର ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି ।

## ରଙ୍ଗତୂଳୀରେ ବଜ୍ରପାତର ସମାଧାନ

ଭୁବନେଶ୍ୱର, ୧୮।୭ (ମହାଭାରତ): ଆକାଶରୁ ଖସୁଥିବା ବଜ୍ରପାତ ଆଜି ଓଡ଼ିଶା ପାଇଁ ଏକ ବଡ଼ ବିପତ୍ତି ସାଜିଥିବା ବେଳେ, ଏହାର ସମାଧାନର ବାର୍ତ୍ତା ଦେଇଛନ୍ତି ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ । ନିଜର ନିଖୁଣ ରଙ୍ଗ ତୂଳୀରେ ଏକ ମନୋରମ ତାଳ ବନର ଦୃଶ୍ୟ ଆଙ୍କି ଶାନ୍ତନୁ ସମାଜରେ ଘର କରିଥିବା ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ପୂର୍ବରୁ ଗାଆଁଗଣ୍ଡାରେ ଥିବା ତାଳ ଗଛ ଗୁଡ଼ିକ "ଲାଇଟନିଂ ଆରେଷ୍ଟର" ବା ବଜ୍ରପାତ ରୋକିବାରେ ପ୍ରାକୃତିକ ମାଧ୍ୟମ ଭାବେ କାର୍ଯ୍ୟ କରୁଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ 'ତାଳ ହିଁ କାଳ' ଭଳି ଭୁଲ୍ ଧାରଣା ଓ ମଣିଷର ଅବହେଳା ଯୋଗୁଁ ଆଜି ଏହି ଗଛ ସବୁ ଲୋପ ପାଇବାକୁ ବସିଛି । ବିଜ୍ଞାନ କହେ, ତାଳ ଗଛ ନିଜ ଦେହରେ ବଜ୍ରପାତକୁ ଗ୍ରହଣ କରି ମାଟିକୁ ପଠାଇ ଦେଇ ଜନଜୀବନ ରକ୍ଷା କରିଥାଏ । ଏହି ସତ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଶାନ୍ତନୁଙ୍କ



ଚିତ୍ରପଟରେ ତାଳ ବଣର ସୁରକ୍ଷା ବଳୟ ବେଶ୍ ଜୀବନ୍ତ ହୋଇଛି । ଛାତ୍ର ଜଣକ କହିଛନ୍ତି ଯେ ତାଳଗଛ ଆମ ପାଇଁ ଅଭିଶାପ ନୁହେଁ, ବରଂ ପ୍ରକୃତିର ଏକ ବଳିଷ୍ଠ ଆଶୀର୍ବାଦ । ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେଇ ସେ ସମସ୍ତଙ୍କୁ ତାଳଗଛ ଲଗାଇବା ପାଇଁ ଆହ୍ୱାନ କରିଛନ୍ତି ।

## ଭେକ୍ଟ ଛାତ୍ର ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୭ (ମହାଭାରତ): ବିକାଶ ଏଜୁକେସନାଲ ଚ୍ୟାରିଟେବୁଲ ଟ୍ରଷ୍ଟ(ଭେକ୍ଟ) ପକ୍ଷରୁ ଗାଡକଣ ସ୍ଥିତ ଆଦିମାତା କଲୋନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭେକ୍ଟ ଛାତ୍ର ପାଠାଗାରର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ନିର୍ଦ୍ଦେଶକ ମାନସ ରଞ୍ଜନ ତ୍ରପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ପାଠାଗାର ପ୍ରତିଷ୍ଠାର ମୂଳ ଆଭିମୁଖ୍ୟ ଓ ଲକ୍ଷ ସମ୍ପର୍କରେ ସୂଚନା ଦେଇ କହିଥିଲେ ଡିଜିଟାଲ ଯୁଗରେ ପୁସ୍ତକର ମହ[illegible]କୁ ବଜାୟ ରଖିବା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢାର ଅଭ୍ୟାସ ସୃଷ୍ଟି କରିବା, ଭିତିଭୂମି ସ୍ତରର ସାକ୍ଷରତା ଅଭାବ ଦୂର କରିବା ଏବଂ ରଙ୍ଗିନ ଓ ଆକର୍ଷଣୀୟ ପୁସ୍ତକ ମାଧ୍ୟମରେ ଶିଶୁମାନଙ୍କର କଳ୍ପନା ଶକ୍ତି , ସୃଜନଶୀଳତା, ଭାଷା ଦକ୍ଷତାର ବିକାଶ କରିବା ଟ୍ରଷ୍ଟ ମୂଳ ଉଦ୍ଦେଶ୍ୟ ରହିଛି। ଏବଂ ପଢ-ଶିଖ-ନେତୃତ୍ୱ ନିଅ ବାର୍ତା ରହିଛି। ପୂର୍ବତନ ଆୟକର ମୁଖ୍ୟ ଆୟୁକ୍ତ ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଟ୍ରଷ୍ଟର ଅଧକ୍ଷ ସୁଭାଷ ଚନ୍ଦ୍ର ଚୌଧୁରୀ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାସ ବେନହୁର, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ତଥା ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଓଡିଆ ଭାଷା, ସାହିତ୍ୟର ବିକାଶ ଏବଂ ଚିନ୍ତାଶୀଳ ପଠନ ଉପରେ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁହଳ ଓ କଳ୍ପନା ଶକ୍ତି ବୃଦ୍ଧି କରିବାରେ ପୁସ୍ତକର ଭୂମିକା ଉପରେ ଆଲୋକପାତ କରିଥିଲେ। ନେଲସନ ମଣ୍ଡେଲାଙ୍କ ବାଣୀ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଏବଂ ସନାତନ ଉକ୍ତି ବିଦ୍ୟା ଦଦାତି ବିନୟଂ ର ଅବତାରଣା କରି ପୁସ୍ତକକୁ ଜୀବନର ସର୍ବୋତମ ବନ୍ଧୁ ବୋଲି ଅଭିହିତ କରିଥିଲେ।



## ବୌଦ୍ଧ ଐତିହ୍ୟ ଏବଂ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ସୁଦୃଢ଼ କରିବା ପାଇଁ ଏମଓୟୁ

ଭୁବନେଶ୍ୱର, ୧୮।୭ (ମହାଭାରତ): ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବୁଧବାର ଲୋକସେବା ଭବନଠାରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିରାଙ୍ଗସ୍ଥିତ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାକୁ ବୌଦ୍ଧ ଐତିହ୍ୟ, ଆଧ୍ୟାତ୍ମିକତା, ଗବେଷଣା ଏବଂ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ମାନ୍ୟତାପ୍ରାପ୍ତ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଭାଗିଦାରୀ ତାହାକୁ ଆହୁରି ସୁଦୃଢ଼ କରିବ। ଏହି ବୁଝାମଣାପତ୍ରଟି ଉପମୁଖ୍ୟମନ୍ତ୍ରୀ, ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା; ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା, ଶ୍ରୀ ସୂର୍ଯ୍ୟବଂଶୀ ସୂରଜ; ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଜିରାଙ୍ଗ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାରର ସଭାପତି ହିଜ୍ ଏମିନେନ୍ସ ଗ୍ୟେଟୁଲ ଜିଗ୍ମେ ରିନପୋଛେଙ୍କ ସମ୍ମାନଜନକ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବରିଷ୍ଠ ପଦାଧିକାରୀ, ବୌଦ୍ଧ ସନ୍ନ୍ୟାସୀ ସମ୍ପ୍ରଦାୟର ସଦସ୍ୟ ଏବଂ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ଐତିହ୍ୟ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସାଂସ୍କୃତିକ ସମ୍ପଦ ଏବଂ ଏହାର ପର୍ଯ୍ୟଟନ ସମ୍ଭାବନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ ଉଲ୍ଲେଖ କରିଛନ୍ତି ଯେ ଏହି ମିଳିତ ସହଯୋଗ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବା ସହିତ ଏହି ଚିରନ୍ତନ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୌଦ୍ଧ ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଆନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ ଭାବେ ଗଢ଼ି ତୋଳିବାରେ ଏହି ସହଭାଗିଦାରୀ ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ପରମ୍ପରା ଇତିହାସ, ଦର୍ଶନ ଏବଂ ଜୀବନ୍ତ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ। ସେ କହିଛନ୍ତି ଯେ ଏହି ଭାଗିଦାରୀ କେବଳ ମୂଲ୍ୟବାନ ଐତିହ୍ୟର ସଂରକ୍ଷଣ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତି ସହିତ ଗବେଷଣା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଜନସାଧାରଣଙ୍କ ଗଭୀର ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆନୁଷ୍ଠାନିକ ସହଯୋଗ ମାଧ୍ୟମରେ ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି।



# ବରପୁତ୍ରମାନଙ୍କ ବିଭାଗିକରଣ କରିବାକୁ ଦାବି

ଭୁବନେଶ୍ୱର, ୧୮।୭ (ମହାଭାରତ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଛକସ୍ଥିତ ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂ[illegible]ରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସମ୍ମିଳନୀର ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ଥାନୀୟ ୟୁନିଟ୍ -୬ ଉତ୍କଳସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ସଭାକକ୍ଷରେ ଉପସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧକ୍ଷତାରେ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ତାଙ୍କ ଗୁଣାବଳୀ ଉପରେ ବିଭିନ୍ନ ଦିଗରୁ ଆଲୋଚନାମାନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱୟକୁ ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜ ପରିଚାଳନା କରିଥିବାବେଳେ ଭାରତ ସରକାରଙ୍କ ବରିଷ୍ଠ ଅଧିବକ୍ତା ତଥା ଭାରତୀୟ ଭାଷା ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ବର୍ମା ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଜଣେ ସୁନାମ ଧନ୍ୟ ଓକିଲ ଭାବରେ ଉପସ୍ଥାପିତ କରି ତାଙ୍କର ଭାଷା ପ୍ରତି ଥିବା ସମ୍ମାନ ଓ ଶ୍ରଦ୍ଧା ଦୃଷ୍ଟିରୁ ଭାରତୀୟ ସମ୍ବିଧାନରେ ୩୪୮ ଅନୁଚ୍ଛେଦ ଅନୁଯାୟୀ ମହାମହିମ ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ଆମ ମହାମହିମ ରାଷ୍ଟ୍ରପତି ମହୋଦୟା ଅନ୍ୟ ଚରି ଗୋଟି ରାଜ୍ୟପରି ଆମ ରାଜ୍ୟ ଉଚ୍ଚନ୍ୟାୟାଳୟର ଭାଷା ଆମ ରାଜ୍ୟ ଭାଷା ଓଡ଼ିଆ କରିପାରିବେ ବୋଲି ମତ ରଖିଥିଲେ। ମାତୃଭାଷା ସଂକ୍ରାନ୍ତ ଆଲୋଚନାରେ ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ ଗୋପବନ୍ଧୁଙ୍କର ମତଥିଲା କି ଯଦି ଶିଶୁଟିକୁ ତାର ମାତୃଭାଷାରେ ଶିକ୍ଷା ଦିଆନଯାଏ ତେବେ ତାହା ଶିଶୁ ହତ୍ୟା ସଙ୍ଗେ ସମାନ ଅଟେ। ବକୁଳ ବନର ମୁକ୍ତ ଆକାଶତଳ ଶିକ୍ଷା ଯେ ବିଭିନ୍ନ ଦୃଷ୍ଟି କୋଣରୁ ଗୁରୁତ୍ୱ ପୂର୍ଣ୍ଣ ଓ ଗ୍ରହଣୀୟ ଥିଲା ତାହା ମଧ୍ୟ ଆଲୋଚନା ହୋଇଥିଲା।




ଏତଦ୍ ବ୍ୟତୀତ ଆଜିର ଆଲୋଚନାରେ ସମସ୍ତ ବରପୁତ୍ରମାନଙ୍କୁ ଗୋଟିଏ ସ୍ତରରେ ସମାନ ନରଖି ସେମାନଙ୍କ ମଧ୍ୟରେ ବିଭାଗୀକରଣ କରାଯାଇ ପଦ୍ମ ସମ୍ମାନ ପରି ବରପୁତ୍ର, ବିଶିଷ୍ଟ ବରପୁତ୍ର ଓ ଅତି ବିଶିଷ୍ଟ ବରପୁତ୍ର ଭାବରେ ଚିହ୍ନିତ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯିବାକୁ ମଧ୍ୟ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱୟରେ ସମ୍ମିଳନୀର ଉପସଭାପତି ବିଶିଷ୍ଟ କବି ଶ୍ରୀକାନ୍ତ ମିଶ୍ର, ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀଧର ଦାଶ, ସମ୍ପାଦକ ପ୍ରଦୀପ୍ତ ମହାରଣା, ବିର[illegible] ନାରାୟଣ ଦାଶ, ଶ୍ରୀମତୀ ସ୍ୱାଗତିକା ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟା ଓ ସଦସ୍ୟ ଇଂ. ସତ୍ୟଜିତ୍ ନାୟକ, ଇଂ. ଜିତେନ୍ଦ୍ର କୁମାର ପାଢ଼ୀ, ଋଟାଡ୍ ଆକାଡ[illegible] ଉପେନ୍ଦ୍ର କୁମାର ପଟ୍ଟନାୟକ, ସବ୍ୟସାଚୀ ସାମନ୍ତରାୟ, ଯୁଗଳ କିଶୋର ନାୟକ, କୁଞ୍ଜମୋହନ ସେଠୀ ସଦସ୍ୟ ଗିରିଜା ଶଙ୍କର ମହାପାତ୍ର, ସୁଶ୍ରୀ ବାସନ୍ତୀ ତ୍ରିପାଠୀ, ରାଜମିତ୍ରା ପ୍ରହରାଜ, ଅଧିବକ୍ତା ଶ୍ରୀମତୀ ପ୍ରତିଭା ବର୍ମା, କେଶବ ପାଇଲ ଓ ବିକାଶ ବେହେରା ପ୍ରମୁଖ ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ନିପ୍ପନ ପେଣ୍ଟ୍ ଆଡଭାନ୍ସଡ୍ କଏଲ୍ କୋଟିଂସ ପ୍ରଦର୍ଶିତ

ଭୁବନେଶ୍ୱର, ୧୮।୭ (ମହାଭାରତ): ନିପ୍ପନ ପେଣ୍ଟ୍ ଜୁଲାଇ ୧୦-୧୧, ୨୦୨୬ ମଧ୍ୟରେ ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି, ଭୁବନେଶ୍ୱରଠାରେ ଆୟୋଜିତ 'ସ୍ମାର୍ଟକର୍-୨୦୨୬' - ପ୍ରଥମ ଆନ୍ତର୍ଜାତୀୟ କ୍ଷୟ ପ୍ରତିରୋଧକ ଏବଂ ସ୍ମାର୍ଟ ନିୟନ୍ତ୍ରଣ ସାମଗ୍ରୀ ସମ୍ମିଳନୀ'ରେ ଭାଗ ନେଇଛି, ଯେଉଁଠାରେ ଏକ ସୁଦୂରପ୍ରସାରୀ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଉନ୍ନତ କଏଲ୍ କୋଟିଂସ ଉପରେ ଆଲୋକପାତ କରାଯାଇଛି। ଏହି ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚ ଏକ ସୁସ୍ଥିର ଓ ସୁଦୂରପ୍ରସାରୀ ଭବିଷ୍ୟତ ପାଇଁ କ୍ଷୟ-ପ୍ରତିରୋଧୀ ସାମଗ୍ରୀ ଏବଂ ସ୍ମାର୍ଟ ନିୟନ୍ତ୍ରଣ ପ୍ରଯୁକ୍ତିବିଦ୍ୟାର ବିକାଶ ତଥା ସହଯୋଗ କରିବା ନିମନ୍ତେ ଗବେଷକ, ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନବୋନ୍ମେଷକମାନଙ୍କୁ ଏକତ୍ରିତ କରିଛି। କମ୍ପାନୀର ପ୍ରତିନିଧିତ୍ୱ କରି ନିପ୍ପନ ପେଣ୍ଟ୍ ଇଣ୍ଡିଆର ଇଣ୍ଡଷ୍ଟ୍ରିଆଲ୍ କୋଟିଂସର ପ୍ରେସିଡେଣ୍ଟ ସୁବାଷ ଗାଇଜେସ୍ ସେଲଭରାଜ, 'ପ୍ରି-ପେଣ୍ଟେଡ୍ ଷ୍ଟିଲ୍ ପାଇଁ ହାଇ-ପରଫରମାନ୍ସ କଏଲ୍ କୋଟିଂ ସଲ୍ୟୁସନ୍ସ' ଉପରେ ଏକ ବୈଷୟିକ ପ୍ରସ୍ତୁତି ପ୍ରଦାନ କରିଥିଲେ; ଯେଉଁଥିରେ ସେ ସ୍ଥାୟୀତ୍ୱ, କ୍ଷୟ-ପ୍ରତିରୋଧ, ପାଣିପାଗ ପ୍ରତିରୋଧକ କ୍ଷମତା, ସସ୍ଥାୟୀତ୍ୱ ଏବଂ ଜୀବନଚକ୍ର ପରଫରମାନ୍ସରେ ଉନ୍ନତି ଆଣିବା ପାଇଁ ଉନ୍ନତ କୋଟିଂ ଟେକ୍ନୋଲୋଜିର ବିକାଶଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ ଗାଇଜେସ୍‌ଙ୍କ ଉପସ୍ଥାପନା ନିପ୍ପନ ପେଣ୍ଟ୍ସର ବିଶ୍ୱସ୍ତରୀୟ ଆର-ଏଣ୍ଡ-ଡି କ୍ଷମତା, ବିଭିନ୍ନ ପାଣିପାଗ ପରିସ୍ଥିତିରେ ଉନ୍ନତ ଏକ୍ସପୋଜର ଟେଷ୍ଟିଂ ଏବଂ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ କୋଟିଂ ସଲ୍ୟୁସନ୍ସ ପ୍ରସ୍ତୁତ କରିବା ପାଇଁ ଏକ ନବୋନ୍ମେଷ-ଭିତ୍ତିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲା। ସେ ଆଗାମୀ ପିଢ଼ିର ଫ୍ଲୋରୋପଲିମର ଟେକ୍ନୋଲୋଜି, ଉଚ୍ଚ-କାର୍ଯ୍ୟକ୍ଷମ ପ୍ରାଇମର୍ ସିଷ୍ଟମ୍, ଫଙ୍କସନାଲ୍ କୋଟିଂ ଏବଂ ସ୍ଥାୟୀ ପରିବେଶ-ଅନୁକୂଳ ସଲ୍ୟୁସନ୍ସ ବିଷୟରେ ମଧ୍ୟ ଆଲୋଚନା କରିଥିଲେ, ଯେଉଁଥିରେ ଆଧୁନିକ ଭିତ୍ତିଭୂମିର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ।

## ଭାରତ-ୟୁକେ ଏଫଟିଏ ଅଧୀନରେ ଉପକୃତ ହେବେ ଓଡ଼ିଶା ଗ୍ରାହକ

ଭୁବନେଶ୍ୱର, ୧୮।୭ (ମହାଭାରତ): ଭାରତ-ୟୁକେ ମୁକ୍ତ ବ୍ୟାପାର ଚୁକ୍ତିନାମା ଦ୍ୱିପାକ୍ଷିକ ବାଣିଜ୍ୟକୁ ସୁଦୃଢ଼ କରିବା ଓ ମଦ୍ୟପାନୀୟ କ୍ଷେତ୍ର ପାଇଁ ଏକ ଅଧିକ ସନ୍ତୁଳିତ ବ୍ୟବସ୍ଥା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଏହି ଚୁକ୍ତିନାମା ଅଧୀନରେ ୟୁକେ ହୁଇସ୍କି ଓ ଜିନ୍ ଉପରେ ସମୁଦାୟ ସୀମା ଶୁଳ୍କ କାର୍ଯ୍ୟକାରୀ ହେବା ମାତ୍ରେ ୧୫୦% ରୁ ହ୍ରାସ ପାଇ ୭୫% ହେବ ଏବଂ ଆସନ୍ତା ଦଶନ୍ଧି ମଧ୍ୟରେ ଧୀରେ ଧୀରେ ହ୍ରାସ ପାଇ ୪୦% କୁ ଆସିବ। ଥରେ କାର୍ଯ୍ୟକାରୀ ହେବା ପରେ ଏହି ଚୁକ୍ତିନାମା ପୁଞ୍ଜିନିବେଶ, ପ୍ରିମିୟମାଇଜେସନ୍, ଗ୍ରାହକଙ୍କ ପସନ୍ଦ ଓ ଦୀର୍ଘକାଳୀନ ରାଜସ୍ୱ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ତାହା ଭାରତକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବଜାରରେ ପରିଣତ କରିବାର ମହତ୍ୱାକାଂକ୍ଷାକୁ ସମର୍ଥନ କରିବ। ଭାରତ-ୟୁକେ ଏଫଟିଏ ଉପରେ ମତ ପ୍ରକାଶ କରି ଆଇଏସଡବ୍ଲ୍ୟୁଏଆଇର ସିଇଓ ସଞ୍ଜିତ ପାଢୀ କହିଛନ୍ତି ଯେ, 'ଭାରତ-ୟୁକେ ମୁକ୍ତ ବ୍ୟାପାର ଚୁକ୍ତିନାମା ଏକ ରଣନୀତିକ ସୁଯୋଗ। ଏହା କେବଳ ଏକ ଶୁଳ୍କ ମାଇଲଖୁଂଟ ନୁହେଁ ଏବଂ ନୀତିଗତ ନିଷ୍ପତି ଗୁଡ଼ିକ ସମସ୍ତ ଅଂଶୀଦାର, ବିଶେଷ କରି ଗ୍ରାହକମାନଙ୍କ ପାଇଁ ବ୍ୟାପକ ଅର୍ଥନୈତିକ ଲାଭ ଉପରେ କେନ୍ଦ୍ରୀଭୂତ ରହିବା ଆବଶ୍ୟକ। ଏହି ଚୁକ୍ତିନାମା ତିନୋଟି ସ୍ପଷ୍ଟ ସୁବିଧା ପ୍ରଦାନ କରିବ। ତାହା ହେଉଛି ଅଧିକ ଗ୍ରାହକ ପସନ୍ଦ, ପ୍ରିମିୟମ ବିଶ୍ୱସ୍ତରୀୟ ବ୍ରାଣ୍ଡଗୁଡ଼ିକର ଏକ ବ୍ୟାପକ ପରିସର ପାଇବା ପାଇଁ ସୁଯୋଗ ସୃଷ୍ଟି କରିବା, ଦେଶୀୟ ଉତ୍ପାଦକମାନଙ୍କ ପାଇଁ ବଲ୍କ ସ୍କଚର ସହଜ ଉପଲବ୍ଧତା ଓ ଗ୍ରାହକମାନଙ୍କ ପାଇଁ ସାମାନ୍ୟ ମୂଲ୍ୟ ହ୍ରାସ। ଏକତ୍ରିତ ଭାବେ ଏହି ଫଳାଫଳଗୁଡ଼ିକ ଭାରତର ବୃଦ୍ଧି ପାଉଥିବା ଆଲକୋବେଭ୍ କ୍ଷେତ୍ର ପାଇଁ ଏକ ଗ୍ରାହକ ପ୍ରଥମ, ଗୁଣବତା ନେତୃତ୍ୱାଧୀନ ଦୃଷ୍ଟିକୋଣକୁ ଦୃଢ଼ କରିବ।' ଖୁଚୁରା ମୂଲ୍ୟ ଉପରେ ଭାରତ-ୟୁକେ ଏଫଟିଏର ପ୍ରଭାବ ସମ୍ପର୍କରେ ମହାରାଷ୍ଟ୍ରକୁ ଏକ ଉଦାହରଣ ଭାବରେ ନେଇ କହିଛନ୍ତି ଯେ ଶୁଳ୍କ ଯୁକ୍ତିସଙ୍ଗତକରଣ ଫଳରେ ଯଦି ଏହାର ସୁଫଳ ଗ୍ରାହକମାନଙ୍କୁ ପ୍ରଦାନ କରାଯାଏ ତେବେ ମୂଲ୍ୟ ପ୍ରାୟ ୧୨-୧୩% ପର୍ଯ୍ୟନ୍ତ ସୀମିତ ହ୍ରାସ ହେବ ବୋଲି ଆଶା କରାଯାଉଛି। ସଞ୍ଜିତ ପାଢୀ ଦର୍ଶାଇଛନ୍ତି ଯେ, 'ଭାରତ-ୟୁକେ ଏଫଟିଏର ସମ୍ପୂର୍ଣ୍ଣ ସୁଫଳ କେବଳ ସେତେବେଳେ ହାସଲ ହେବ ଯଦି ଶୁଳ୍କ ଯୁକ୍ତିସଙ୍ଗତକରଣ ଗ୍ରାହକଙ୍କ ପାଖକୁ ଯିବ।

## ଆଶା କର୍ମୀ ସଂଘର ବିକ୍ଷୋଭ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୮।୭ (ମହାଭାରତ): ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଖୋର୍ଦ୍ଧା ଜିଲ୍ଲା କମିଟି ବୈଠକ ଗୀତାଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସଂଘ ତରଫରୁ ଆହୂତ ବିଧାନସଭା ଘେରାଉକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି। ପ୍ରକାଶ ଥାଉକି ନୂତନ ସରକାର



କ୍ଷମତାକୁ ଆସିବା ପରେ ନିୟମିତ ଭାବରେ ମାସିକ ସୁନିଶ୍ଚିତ ଭତ୍ତା ଓ ପ୍ରୋତ୍ସାହନ ରାଶି ମିଳୁନାହିଁ। ଯାହା ମିଳୁଛି ତାହାର ସଠିକ୍ ତଥ୍ୟ ମଧ୍ୟ ବ୍ୟାଙ୍କ ପାସବୁକ୍‌ରେ ଉଲ୍ଲେଖ ନ ହେବା ଫଳରେ ମାସିକ ଅର୍ଥ କେଉଁ ବାବଦେ ଆସୁଛି ଜଣାପଡୁନାହି। ଏ ସମ୍ପର୍କରେ ବାରମ୍ବାର ମିଶନ୍ ନିର୍ଦ୍ଦେଶକଙ୍କୁ ଚିଠି ଦେଲେ ମଧ୍ୟ ପ୍ରାୟ ୨ ବର୍ଷ ଭିତରେ ଏହାର କୌଣସି ସମାଧାନ କରାଗଲା ନାହିଁ। ଅପରପକ୍ଷରେ ବିଭିନ୍ନ କାର୍ଯ୍ୟ ବାବଦେ ମିଳୁଥିବା ପ୍ରୋତ୍ସାହନ ରାଶିକୁ ଅଘୋଷିତ ଭାବରେ ବନ୍ଦ କରିଦିଆଯାଉଛି। ପ୍ରତିଦିନ ବିନା ପାରିଶ୍ରମରେ ନୂଆ ନୂଆ କାର୍ଯ୍ୟ କରିବା ପାଇଁ ବାଧ କରାଯାଉଛି। ସଦ୍ୟ ସଂଗଠିତ ଏସ୍ଆଇଆର୍ କାର୍ଯ୍ୟରେ ଆଶା କର୍ମୀଙ୍କୁ ନିୟୋଜିତ କରିବା ପାଇଁ ବାଧ କରାଯାଇ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ଅନ୍ୟ ନିୟୋଜିତ କର୍ମଚାରୀମାନଙ୍କ ଭଳି ପ୍ରୋତ୍ସାହନ ରାଶି ମିଳିବା ପାଇଁ ନିୟମ ଥିଲେ ମଧ୍ୟ ଆଶାକର୍ମୀଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଆୟୁଷ୍ମାନ କାର୍ଡ ବଣ୍ଟନରେ ପାଇବାକୁ ଥିବା ପ୍ରୋତ୍ସାହନ ରାଶି ବହୁ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀଙ୍କୁ ପ୍ରଦାନ କରାଯାଇ ନାହିଁ ପରନ୍ତୁ ଗ୍ରାମାଞ୍ଚଳରେ ସମସ୍ତ ବ୍ୟକ୍ତିଙ୍କୁ ଉକ୍ତ କାର୍ଡ ପ୍ରଦାନ ନହେବା ଫଳରେ ଆଶାକର୍ମୀ ସାଧାରଣ ଲୋକଙ୍କ ଆକ୍ରୋଶର ଶୀକାର ହେଉଛି। ତତ୍‌ସହିତ ମାସିକିଆ ଭତ୍ତା ବୃଦ୍ଧି, ଜାତୀୟ ଶ୍ରମ ସମ୍ମିଳନୀ ସୁପାରିଶ ଅନୁସାରେ ୱାର୍କର ମାନ୍ୟତା, ମାସିକ ଭତ୍ତା ୨୬,୦୦୦ ଟଙ୍କା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ୍ ଇତ୍ୟାଦି ଦାବିରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ସଂଗଠିତ ହେବ।

## ଆଶୀର୍ବାଦର 'ଆୟୋଡିନର ତିଳକ' ଅଭିଯାନ

ଭୁବନେଶ୍ୱର, ୧୮।୭ (ମହାଭାରତ): ଗତବର୍ଷର 'ଆୟୋଡିନ ର ତିଳକ' ଅଭିଯାନର ସଫଳତା ଆଧାରରେ ବ୍ରାଣ୍ଡ୍ ଚଳିତ ବର୍ଷ ଦର୍ଶନ, ଅନ୍ନ ଓ ସେବା ଭଳି ରଥ ଯାତ୍ରାର ତିନିଟି ସ୍ଥାୟୀ ସ୍ତମ୍ଭ ଦ୍ୱାରା ଅନୁପ୍ରେରିତ ହୋଇ ସଚେତନତା, ପରିପୋଷଣ ଏବଂ ସାମାଜିକ ପ୍ରଭାବକୁ ଗୋଟିଏ ସମନ୍ୱିତ ସାଂସ୍କୃତିକ ପ୍ରୟାସରେ ଏକୀକୃତ କରି ଏକ ବୃହତ୍ତର ଗତିଶୀଳ ଭିତ୍ତିକ ଅନୁଭୂତି ସହିତ ପ୍ରତ୍ୟାବର୍ତ୍ତନ କରିଛି। ଏହି କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳରେ ରଥ ଯାତ୍ରାର ସମସ୍ତ ପ୍ରମୁଖ ମାର୍ଗଗୁଡିକରେ ଏକ ଅଣ-ଭୂଭାଗ ଭ୍ରାମ୍ୟମାଣ ଟିମ୍‌ଙ୍କୁ ନେଇ ଆଶୀର୍ବାଦ ଆୟୋଡିନ ସେବକଗଣ ରହିଛନ୍ତି, ଯେଉଁମାନେ ଏହି ଅନୁଭୂତି ଜନସାଧାରଣଙ୍କ ନିକଟକୁ ପ୍ରତ୍ୟକ୍ଷ ଭାବରେ ନେଇଯାଉଛନ୍ତି। ଦର୍ଶନ ଅନୁଭୂତି ଏକ ସରଳ ଚିନ୍ତାଧାରାରୁ ଆରମ୍ଭ ହେଉଛି, ତାହା ହେଉଛି- ଦର୍ଶନ କେବଳ ଭଗବାନଙ୍କୁ ଦେଖିବା ନୁହେଁ, ବରଂ ଯାହା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ତାହା ଦେଖିବା। ଭକ୍ତଗଣଙ୍କୁ ଜୟ ଜଗନ୍ନାଥ ସହିତ ସ୍ୱାଗତ କରାଯାଉଛି ଏବଂ ତାହାପରେ ସେମାନଙ୍କୁ ପ୍ରତୀକାତ୍ମକ ଆୟୋଡିନ କା ତିଲକ ପ୍ରଦାନ କରାଯାଉଛି- ଯାହା "ଆମେ ଘରେ ବ୍ୟବହାର କରୁଥିବା ଲୁଣ ଆୟୋଡିନଯୁକ୍ତ କି?" ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ଦୈନନ୍ଦିନ ପ୍ରଶ୍ନକୁ କେବଳ ମନେ ପକାଇ ଦେଉଥିବା ଆୟୋଡିନ ଟିଙ୍କଚର୍ ମିଶ୍ରଣରେ ପାରମ୍ପରିକ ଚନ୍ଦନକାଠ ପ୍ରଲେପରେ ପ୍ରସ୍ତୁତ ଏକ ତିଳକ ଅଟେ। ଏହାପରେ ସେମାନଙ୍କ ପାଇଁ ନିୟୋଜନକାରୀ ପ୍ରତ୍ୟକ୍ଷ ପ୍ରଦର୍ଶନଗୁଡିକ ରହିଛି।

# ସୀମା ବିବାଦର ସମାଧାନ

୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। କିନ୍ତୁ ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୨ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୨ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

॥ ପ୍ରଫେସର ହୃଦୟନାଥ ଆଟୋଇ ॥

"

*ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।*

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲାଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପିଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି), ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଟ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଣ୍ଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟି ରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


**ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ**
**ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ**
**ବିଶ୍ୱବିଦାଳୟ, ବାରିପଦା।**


# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି।

ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲା ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଉଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'।


ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଚଣାହଟ୍ଟା ହାଇସ୍କୁଲ ପରିଚାଳନା କମିଟି ସଭାପତି ହେଲେ ଉମାକାନ୍ତ

ବାଲିପାଟଣା ( ମହାଭାରତ) : ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପ୍ରକିୟା ଜାରି ରହିଛି। ଆଜି ଚଣାହଟ୍ଟା ପିପୁଲ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ଉମାକାନ୍ତ ସାହାଣୀ ଓରଫ ଉମା ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ମଧୁସ୍ମିତା ପଣ୍ଡା ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ। ସଭାପତି ପଦ ପାଇଁ ସରସ୍ୱତୀ ସ୍ୱାଇଁ ଅନ୍ୟତମ ପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ୧୯୪୬ ମସିହା ରେ ପ୍ରତିଷ୍ଠିତ ବାଲିପାଟଣା ବ୍ଲକ ର ସର୍ବପୁରାତନ ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଉମକାନ୍ତ କହିଛନ୍ତି। ନୂତନ କର୍ମକର୍ତା ଏବଂ ଅଭିଭାବକଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦାଶ ଏବଂ ପରିଚାଳନା କମିଟି ନୂତନ ସଦସ୍ୟ ଉପସ୍ଥିତ ଥିଲେ।

## ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଙ୍କ ଧର୍ମପତ୍ନୀ ସୁଷମା ସାହୁଙ୍କ ପରଲୋକ

ପାରାଦୀପ, (ମହାଭାରତ): ପାରାଦୀପ ର ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଙ୍କ ଧର୍ମପତ୍ନୀ ସୁଷମା ସାହୁଙ୍କର ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗଗନ ବିହାରୀ ସାହୁ ପିଟିଆଇ ର ବରିଷ୍ଠ ସାମ୍ବାଦିକ ଏବଂ ଦିର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପାରାଦ୍ୱୀପ ରେ ସାମ୍ବାଦିକତା କରୁଛନ୍ତି। ଗତ କିଛି ବର୍ଷ ହେବ ସେମାନେ ଉଦୟବଟ ସ୍ଥିତ ନିଜ ବାସଭବନରେ ରହୁଥିବା ବେଳେ ତାଙ୍କ ଧର୍ମପତ୍ନୀ ସୁଷମା ସାହୁ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଗୁରୁବାର ଶ୍ରୀଗୁଣ୍ଡିଚା ଦିନ ସକାଳ ୯:୩୦ ସମୟରେ ତାଙ୍କର ପରଲୋକ ହୋଇଯାଇଛି। ସିଏ ଜଣେ ଧର୍ମପରାୟଣା ମହିଳା ଭାବେ ପାରାଦ୍ୱୀପ ଏବଂ ଉଦୟବଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ପାରାଦ୍ୱୀପ ର ବହୁ ରାଜନେତା, ଶ୍ରମିକ ନେତା ଓ ସାମ୍ବାଦିକ ଉଦୟବଟ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପାରାଦ୍ୱୀପ ରୁ ପାର୍ଥିବ ଶରୀର ତାଙ୍କ ନିଜ ଗାଁ ନିଆଳି ଥାନା ଏକବେରୁଆଁ ପଞ୍ଚାୟତ ର କାଳଖ ଗ୍ରାମକୁ ନିଆଯାଇଥିଲା। ସେଠାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୁଷମା ଙ୍କ ପୁତୁରା ବିକ୍ରମ ସାହୁ (ବୁଟୁଆ) ମୁଖାଗ୍ନି ଦେଇଥିବା ବେଳେ ସମସ୍ତ ବନ୍ଧୁ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶେଷକୃତ୍ୟ ରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଯମରାଜଙ୍କୁ ନିମନ୍ତ୍ରଣ କରୁଛି ତେନ୍ତୁଳି ଗଛ

ରାଇଘର:(ମହାଭାରତ)ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଅନ୍ତର୍ଗତ କୋସରାଭଟା ଗାଁରେ ବିଦ୍ୟୁତ ବିଭାଗର ଅବହେଳାର ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ପ୍ରାୟ ଦୁଇ ମାସ ପୂର୍ବେ ଏକ ବୋରୱେଲ୍ ଗାଡ଼ି ଧକ୍କା ଦେବା ଫଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା। ପରେ ସେହି ସ୍ଥାନରେ ନୂତନ ବିଦ୍ୟୁତ ଖୁଣ୍ଟ ପୋତାଯାଇଥିଲେ ମଧ, ବିଦ୍ୟୁତ ତାରକୁ ଏପର୍ଯ୍ୟନ୍ତ ତେନ୍ତୁଳି ଗଛ ଉପରେ ରଖାଯାଇଛି। ଫଳରେ ଗାଁର ଅଧାରୁ ଅଧିକ ଅଞ୍ଚଳ ଅନ୍ଧାରରେ ରହୁଥିବା ବେଳେ, ଗଛରେ ଝୁଲୁଥିବା ବିଦ୍ୟୁତ ତାର ଯେକୌଣସି ସମୟରେ ବଡ଼ ଦୁର୍ଘଟଣାର କାରଣ ହୋଇପାରେ। ଦୁଇ ମାସ ବିତିଯାଇଥିଲେ ମଧ ବିଦ୍ୟୁତ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ନ କରାଯିବାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଯେକୌଣସି ସମୟରେ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ ବିଭାଗ ତୁରନ୍ତ ତାରଗୁଡ଼ିକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରି ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ିଲ୍ଲା ସ୍ତରୀୟ ଭି ବି ଜୀ ରାମ ଜୀ ଯୋଜନା ଉପରେ ଜନ ପ୍ରତିନିଧିମାନଙ୍କୁ ସଚେତନତା କର୍ମଶାଳା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ ଉପଲଡା ପଞ୍ଚାୟତର ଆର ସୀତାପୁର ଗ୍ରାମ ନିକଟରେ ଥିବା ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟର ସଭାଗୃହ ଠାରେ ଭିବୀ ଜୀ ରାମ ଜୀ ଯୋଜନା ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ସହକାରୀ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସରପଞ୍ଚ ସମିତି ସଭ୍ୟ ସଭ୍ୟା,ଜନପ୍ରତିନିଧି ମାନଙ୍କୁ ଦୁଇ ଦିନିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୨୫ ଦିନର ଜୀବିକା ସୁରକ୍ଷା ଗ୍ୟାରେଣ୍ଟି ପାଇଁ ଐତିହାସିକ 'ବିକଶିତ ଭାରତ- ଗ୍ରାମୀଣ' ମିଶନ ଗ୍ରାମୀଣ ଅର୍ଥନୀତିର ଦୁର୍ବଳତାକୁ ଦୂର କରିବା ଏବଂ ତୃଣମୂଳ ସ୍ତରର ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଭାରତ ସରକାର ଏହି ଯୋଜନା କରିଛନ୍ତି।ଜୀବିକା ଯୋଜନା: (ଠଇ-ଏଜଇଗ ଏ) 'ବିକଶିତ ଭାରତ-ରୋଜଗାର ଓ ଜୀବିକା ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ)'ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଆଧୁନିକ ଅର୍ଥନୈତିକ ସୁଯୋଗ ଖୋଜୁଥିବା ଯୁବପିଢ଼ି, ସୁରକ୍ଷିତ ସାମାଜିକ ବ୍ୟବସ୍ଥା ଆବଶ୍ୟକ କରୁଥିବା ଗରିବ, ଆର୍ଥିକ ଆତ୍ମନିର୍ଭର ଶୀଳତା ପାଇଁ ପ୍ରୟାସ କରୁଥିବା ମହିଳା ଏବଂ ସ୍ଥାୟୀ କୃଷି ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଅନ୍ନଦାତା (ଚାଷୀ)। ଏହି ଚାରୋଟି ପ୍ରମୁଖ ବର୍ଗକୁ କେନ୍ଦ୍ର କରି ସମ୍ବଳ ପ୍ରଦାନ କରିବ ଏହି ମିଶନ ଗ୍ରାମୀଣ ସମୁଦାୟରେ ଏକ ସମ୍ମାନଜନକ ଓ ସ୍ଥାୟୀ ଆର୍ଥିକ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି।ଏହି ନୂତନ ଅଧିନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତି ଗ୍ରାମୀଣ ପରିବାରକୁ ବାର୍ଷିକ ୧୨୫ ଦିନର ମଜୁରୀ ଭିତ୍ତିକ ରୋଜଗାରର ଗ୍ୟାରେଣ୍ଟି ପ୍ରଦାନ କରିବା, ଯାହାକି ଆଧୁନିକ ଗ୍ରାମୀଣ ଶ୍ରମିକମାନଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ବଡ଼ ପଦକ୍ଷେପ। ଗ୍ରାମୀଣ ପରିବାରଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ନିଶ୍ଚିତତା ସହିତ ସେମାନଙ୍କର ଭବିଷ୍ୟତ ଯୋଜନା କରିପାରିବେ, ସେଥିପାଇଁ ଏହି ମିଶନରେ ଏକ ବାଧ୍ୟତାମୂଳକ । ଯାହା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସଠିକ୍ ସମୟରେ ସିଧାସଳଖ ଡିଜିଟାଲ୍ ପେମେଣ୍ଟ କରାଯିବ। ସମ୍ମାନର ସହ ବଞ୍ଚିବାର ଅଧିକାରକୁ ସ୍ୱୀକୃତି ଦେଇ, ଯଦି



ପ୍ରଶାସନ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇବାରେ ବିଫଳ ହୁଏ, ତେବେ ବେକାରୀ ଭତ୍ତା ପ୍ରଦାନ କରିବାକୁ ଏହି ବ୍ୟବସ୍ଥାରେ ବାଧ୍ୟତାମୂଳକ କରାଯାଇଛି।ଏହା ଏକ ଗୁରୁତ୍ୱପୂର୍ଣ୍ଣ 'ନୋ ପଜ୍ ୱିଣ୍ଡୋ' (ଘଣ୍ଟ ଚବଙ୍କଶ୍ୱର ଡସଭ-ୟକ୍ଟଙ୍ଗ) ଆରମ୍ଭ କରିଛି – ଅର୍ଥାତ୍ ଗ୍ରାମୀଣ ଅର୍ଥନୈତିକ ଚକ୍ରକୁ ଦୃଷ୍ଟିରେ ରଖି ୬୦ ଦିନର ଏକ ସଚେତନ କାର୍ଯ୍ୟକ୍ଷମ ବିରତି (୧୫ ଜୁଲାଇରୁ ୧୫ ଅଗଷ୍ଟ – ବୁଣାବୁଣି ସମୟ ଏବଂ ୧୫ ନଭେମ୍ବରରୁ ୧୫ ଡିସେମ୍ବର – ଅମଳ ସମୟ) ନିର୍ଦ୍ଧାରଣ କରାଯାଇଛି। ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ କୃଷିର ମୁଖ୍ୟ ସମୟରେ ସରକାରୀ କାର୍ଯ୍ୟ ଯୋଗୁଁ ଚାଷ କାମ ପାଇଁ ଶ୍ରମିକ ଅଭାବ ହେବେ ନାହିଁ, ଯାହା ଦ୍ୱାରା କୃଷି ବ୍ୟବସ୍ଥା ସୁରକ୍ଷିତ ରହିବା ସହ ବର୍ଷର ବାକି ସମୟରେ ନିରନ୍ତର ଉନ୍ନତିମୂଳକ କାର୍ଯ୍ୟ ସୃଷ୍ଟି କରାଯାଇପାରିବ।ସମନ୍ୱୟ ମାଧ୍ୟମରେ ସ୍ମାର୍ଟ ଭିତ୍ତିଭୂମି: ଏହି ପ୍ରକଳ୍ପଗୁଡ଼ିକୁ ଚାରୋଟି ପ୍ରମୁଖ କ୍ଷେତ୍ର ଅଧୀନରେ ୩୧୮ଟି ମାଷ୍ଟର କାଟେଗୋରୀରେ ବିଭକ୍ତ କରାଯାଇଛି: ଜଳ ସୁରକ୍ଷା (୧୦୭ ଟି ଶ୍ରେଣୀ) ପ୍ରମୁଖ ଗ୍ରାମୀଣ ଭିତ୍ତିଭୂମି (୯୦ ଟି ଶ୍ରେଣୀ) ଗ୍ରାମୀଣ ଜୀବିକା (୮୬ ଟି ଶ୍ରେଣୀ)ବିପର୍ଯ୍ୟୟ ପରିଚାଳନା (୩୫ ଟି ଶ୍ରେଣୀ)

ପାରମ୍ପରିକ କେନ୍ଦ୍ରୀଭୂତ ଯୋଜନା ଠାରୁ ଦୂରେଇ ଯାଇ, ଏହି ମିଶନ 'ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା' ମାଧ୍ୟମରେ ସ୍ଥାନୀୟ ସରକାର ବା ପଞ୍ଚାୟତକୁ ସଶକ୍ତ କରୁଛି, ଯାହା ଦ୍ୱାରା ସ୍ଥାନୀୟ ଭିତ୍ତିଭୂମି ଏବଂ ଦୀର୍ଘକାଳୀନ ଜୀବିକା ସୃଷ୍ଟିର ସମନ୍ୱୟ ଘଟାଇ ତୃଣମୂଳ ସ୍ତରରୁ ବିକାଶ ପ୍ରକ୍ରିୟାକୁ ଆଗକୁ ନିଆଯାଇପାରିବ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ (ଇଓ) ଦ୍ୱାରା ପରିଚାଳିତ ଅଭୁତପୂର୍ବ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଦୁର୍ନୀତିମୁକ୍ତ ବ୍ୟବସ୍ଥା ପାଇଁ, ବିକଶିତ ଭାରତ-ଗ୍ରାମୀଣ' ଏକ ଆଧୁନିକ ତଥା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ଉପରେ ଗଠିତ।ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଗୋଶାଣୀ ଜିଲ୍ଲା ପରିଷଦ ସଭ୍ୟ ବାଲ ରାଜୁ, ଗୋଶାଣୀ ବ୍ଲକ ଅଧକ୍ଷ ଏନ୍ ବୀରରାଜୁ ରାୟଗଡ ବ୍ଲକ ଅଧକ୍ଷ। ପୂର୍ଣ୍ଣବାସୀ ନାୟକ ପ୍ରମୁଖଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମଞ୍ଚାସୀନ ଥିଲେ । ଶ୍ରୀ ଦେବୀ ପ୍ରସାଦ ଅଧିକାରୀ କାର୍ଯ୍ୟକ୍ରମର ସଫଳ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଓ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ଯୋଜନା ଉପରେ ବୁଝାଇ ଥିଲେ ।

## ଏସଭିନିରତାର ଜାତୀୟ ଦିବ୍ୟାଙ୍ଗ ଅନୁଷ୍ଠାନରେ ଦିବ୍ୟାଙ୍ଗ ଉପେକ୍ଷିତ

କଣ୍ଟାପଡା, (ମହାଭାରତ): ଓଲଟପୁର ଠାରେ ଥିବା ଜାତୀୟ ଦିବ୍ୟାଙ୍ଗ ଅନୁଷ୍ଠାନ ଏସଭିନିରତାର ଯାହା ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରାଳୟ ଅଧିନରେ ପରିଚାଳିତ। ଦିର୍ଘ ୫୦ବର୍ଷ ଧରି ଦିବ୍ୟାଙ୍ଗମାନଙ୍କୁ ସେବା ଯୋଗାଇ ଆସୁଥିବା ଓ ସେମାନଙ୍କୁ ଚଳନକ୍ଷମ କରି ମୁଖ୍ୟସ୍ରୋତରେ ସାମିଲ କରୁଥିବା ଅନୁଷ୍ଠାନଟିଏବେମୂଳଲକ୍ଷଠାରୁବହୁ ଦୂରରେ।ଜନ୍ମଗତବିକଳାଙ୍ଗ, ବିଭିନ୍ନ ଦୁର୍ଘଟଣାରେ ଅଙ୍ଗ ହରାଇଥିବା ଦିବ୍ୟାଙ୍ଗମାନଙ୍କୁକୃତ୍ରିମ ଅଙ୍ଗପ୍ରତ୍ୟାଙ୍ଗ ଦ୍ୱାରା ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ଏକଦା ଏସିଆ ମହାଦେଶର ସର୍ବୋତ୍ତମ ଚିକିତ୍ସାକେନ୍ଦ୍ର ଭାବରେ ଏହି ଦିବ୍ୟାଙ୍ଗ ଚିକିତ୍ସା କେନ୍ଦ୍ର ପରିଚୟ ସୃଷ୍ଟି କରିଥିଲା। ପିଏମଆରଡି, ଫିଜିଓଥେରାପି, ଅକ୍ୟୁପେସନାଲଥେରାପି, ହାଇଡ୍ରୋଥେରାପି, ସ୍ପିଚଥେରାପି, ଭୋକେସନାଲଟ୍ରେନିଂ ପ୍ରମୁଖ ବିଭାଗଗୁଡ଼ିକ ଏଠାରେ କାର୍ଯ୍ୟ କରୁଥିବା ବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ଶିକ୍ଷାଗ୍ରହଣକରିଥାନ୍ତି। ମାତ୍ର ଦୁଃଖ ଓ ପରିତାପରବିଷୟକର୍ତ୍ତୃପକ୍ଷକ ଦୂରଦୃଷ୍ଟିର ଅଭାବ, ହିନମନ୍ୟତା ଓ ମେରିରାୟ ନିତି ପାଇଁଏହି ଅନୁଷ୍ଠାନ ଏବେଚରମ ଅବହେଳିତ ଅବସ୍ଥାରେ ଗତି କରୁଛି। ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ଅନୁଷ୍ଠାନର ଇନ୍ଫ୍ରାଷ୍ଟ୍ରକଚର ବଢି ଚାଲିଥିବା ବେଳେ ରୋଗୀସେବା ଦିନକୁଦିନ କମିବାରେଲାଗିଛି। ନିକଟ ଅତୀତରେ ରୋଗୀମାନେ ସେମାନଙ୍କ ନାର୍ଯ୍ୟ ଦାବୀରୁ ବଞ୍ଚିତହେବା ଓ ଅହେତୁକ ଫି ବୃଦ୍ଧି ପ୍ରତିବାଦରେ ନିରତାର ଫାଟକ ସମ୍ମୁଖରେ ଧାରଣାଦେଇ ପ୍ରତିବାଦକରିଥିବା ଦେଖିବାକୁ ମିଳିଥିଲା। ଏହାର ମୁଖ୍ୟ କାରଣ ଜଣେ ଫିଜିଓଥେରାପିଷ୍ଟକୁ ନିର୍ଦ୍ଦେଶକଭାବରେଏଠାରେ ଦୀର୍ଘବର୍ଷହେବ ଅବସ୍ଥାପିତ କରାଯାଇଛି। ଫଳରେ ଅନୁଷ୍ଠାନର ମେରୁଦଣ୍ଡ ପିଏମ ଆଡି ବିଭାଗ ଏମବିବିଏସ ଅର୍ଥୋପେଡିକ ଡାକ୍ତରମାନଙ୍କସହିତ ସମନୋୟ ରଖାଯାଇ ପାରୁନାହିଁ। ଆଭ୍ୟନ୍ତରୀଣ ଯକନ୍ଦଳ ତୀବ୍ର ହେବାରେ ଲାଗିଛି। ମେରିରାୟ ନିତିରେ ଆର୍ଥିକ କାରବାର, ହିନ୍ଦୀ ବିଭାଗକୁ ଅନ୍ୟବିଭାଗ ଅଧିନକୁ ସ୍ଥାନାନ୍ତର, ବିଭିନ୍ନ ପଦବୀ ପୂରଣକ୍ଷେତ୍ରରେ ପ୍ରିୟା ପ୍ରୀତି ତୋଷଣ, ବିନାଏସି ଆପ୍ରୁଭାଲରେ ଯୋଜନା ପ୍ରଣୟନ ଓ ନିଜର ପ୍ରଚାର ପ୍ରସାର ପାଇଁ ଅନୁଷ୍ଠାନ ଅର୍ଥରେ ନିର୍ଦ୍ଦେଶକଙ୍କ ବିଜ୍ଞାପନ ମୋହ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।ଏହିସବୁ ଅଭିଯୋଗ ଗୁଡ଼ିକ ଉପରେ ମାଳମାଳ ଅଭିଯୋଗ ଦିଲ୍ଲୀମନ୍ତ୍ରାଳୟମନ୍ତ୍ରୀ ଓ ସଚିବଙ୍କ ନିକଟରେ ହୋଇଥିବା ସୂଚନା ମିଳୁଛି।ଖାଲି ସେତିକି ନୁହେଁ କ୍ଷମତାର ଅପବ୍ୟବହାରକରି ନିର୍ଦ୍ଦେଶକଙ୍କ ପତ୍ନୀ ଫିଜିଓଥେରାପି ବିଭାଗର ମୁଖ୍ୟ ମୋନାଲିସା ପଟ୍ଟନାୟକ ସେହି ବିଭାଗର ବରିଷ୍ଠ ଡାକ୍ତର ବସନ୍ତ ନନ୍ଦ ଓ ଡାକ୍ତର ମମତା ମରୀ ସାହୁଙ୍କୁ ବାରମ୍ବାର କଟୁ ମନ୍ତବ୍ୟ ଦେବା ସହ ମାନସିକ ନିର୍ଯ୍ୟାତନା ଦେବା ନେଇ ଉଭୟ ଡାକ୍ତର ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି।ଅ ନୁଷ୍ଠାନ ଭିତରେ ଅନ୍ତ କନ୍ଦଳ ବଢୁଥିବାରୁ ଏଭଳି ଜଣେ କ୍ଷମତାଲୋଭି ଅପାରଗ ନିର୍ଦ୍ଦେଶକଙ୍କୁ ତୁରନ୍ତକାର୍ଯ୍ୟରୁ ଅନ୍ତର କରି ଦକ୍ଷ ନିର୍ଦ୍ଦେଶକ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଆଜି ମତ୍ସ୍ୟ ଓ କଚ୍ଛପ ଅବତାରରେ ଠାକୁରଙ୍କର ଦର୍ଶନ କଲେ ଭକ୍ତ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଆଜି ଠାକୁରଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବା ସକାଶେ ଭକ୍ତଙ୍କ ସୁଅ ଛୁଟିଛି ପାଗ ଅନୁକୂଳ ଥିବାରୁ ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହୋଇଛି।ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ଆଶା ଓ ବିଶ୍ୱାସ ରହିଛି। ।ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ଭକ୍ତଙ୍କ ସମାଗମ ହୋଇଥାଏ।ଭକ୍ତ ମାନେ ନଡିଆ କଦଳୀ ଫୁଲ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥାନ୍ତି।ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟିଛି। ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି।ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚା ବାଡି ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।।

## ଇଫକୋରେ ନିରାପଦ ଆମୋନିଆ ପରିଚାଳନା ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ଓଡିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ, ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଓଡିଶା ସହଯୋଗରେ, ଇଫକୋ ପାରାଦୀପ ୟୁନିଟର କମ୍ୟୁନିଟି ସେଣ୍ଟରରେ 'ଆମୋନିଆର ନିରାପଦ ପରିଚାଳନା' ଉପରେ ଏକ ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିରାପଦ ପରିଚାଳନା, ସଂରକ୍ଷଣ, ପରିବହନ, ରକ୍ଷଣାବେକ୍ଷଣ, ଯାଞ୍ଚ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ବ୍ୟବହାରିକ ଜ୍ଞାନ ମାଧ୍ୟମରେ ଆମୋନିଆ ପରିଚାଳନା କରୁଥିବା ଶିଳ୍ପଗୁଡ଼ିକ ମଧ୍ୟରେ ସଚେତନତା, ବୈଷୟିକ ଦକ୍ଷତା ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଶ୍ରମ କମିଶନର ତଥା କାରଖାନା ଏବଂ ବଏଲର ନିର୍ଦ୍ଦେଶକ, ଓଡିଶା ସରକାର, ଇନ୍ଦ୍ରମଣି ତ୍ରିପାଠୀ, ଆଇଏଏସ୍ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ (ସୁରକ୍ଷା) ଉପନିର୍ଦ୍ଦେଶକ ଡକ୍ଟର ମଳୟ କୁମାର ପ୍ରଧାନ, କଟକ ଡିଭିଜନ, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପ ଜୋନ୍, ଓଡ଼ିଶା ସରକାରଙ୍କ ସହାୟକ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, କଟକ ଜୋନ୍, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ସହକାରୀ ନିର୍ଦ୍ଦେଶକ, ଇଫକୋ ପାରାଦୀପ ୟୁନିୟ ମୂଖ୍ୟ ପି.କେ.ମହାପାତ୍ର ଏବଂ ପାରାଦୀପ









ଫସଫେଟ୍ସ ଲିମିଟେଡ୍ (ପିପିଏଲ୍)ର ସିଏମଓ ଏବଂ ୟୁନିଟ୍ ମୁଖ୍ୟ ଏସ୍.ଗିରୀଶ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି, ଅତିଥିମାନେ ବିପଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହାର କରୁଥିବା ଶିଳ୍ପଗୁଡ଼ିକରେ ସୁରକ୍ଷାର ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଶିଳ୍ପଗୁଡ଼ିକୁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା, ପ୍ରକ୍ରିୟା ସୁରକ୍ଷା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ ରିବା, ସୁରକ୍ଷା ଅଡିଟ୍ କରିବା ଏବଂ ନିୟମିତ ତାଲିମ କାର୍ଯ୍ୟକ୍ରମ ଏବଂ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ସେମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଶିଳ୍ପ ସୁରକ୍ଷା, ପରିବେଶ ସୁରକ୍ଷା ଓ ପ୍ରଭାବଶାଳୀ ଜରୁରୀକାଳୀନ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ଶିଳ୍ପ, ନିୟାମକ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପି.କେ.ମହାପାତ୍ର ବୃତ୍ତିଗତ ସୁରକ୍ଷା, ପରିବେଶ ସୁରକ୍ଷା, ପ୍ରତିରୋଧକ ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସୁରକ୍ଷା ଅଭ୍ୟାସ ଗ୍ରହଣ ପ୍ରତି ସେମାନଙ୍କ ସଂଗଠନଗୁଡ଼ିକର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଫ୍ୟାକ୍ଟ୍ରି ଆଣ୍ଡ ବଏଲେର୍ସ ପାରାଦୀପ ଜୋନର ସହାୟକ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୂଲ୍ୟବାନ ସମର୍ଥନ ପାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ଅଂଶଗ୍ରହଣକାରୀ ଶିଳ୍ପ, ଇଫକୋ ପାରାଦୀପ ୟୁନିଟ୍, ପିପିଏଲ ଏବଂ ସମସ୍ତ ଅଂଶୀଦାରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଆମୋନିଆ-ହ୍ୟାଣ୍ଡେଲିଂ ଶିଳ୍ପର ଇଞ୍ଜିନିୟର, ପର୍ଯ୍ୟବେକ୍ଷକ, ଅପରେଟର ଏବଂ ସୁରକ୍ଷା ଅଧିକାରୀ ଙ୍କ ସମେତ ପ୍ରାୟ ୧୬୦ ଜଣ ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଦୀପକ ଫର୍ଟିଲାଇଜର୍ସ, ୟୁନାଇଟେଡ୍ ବିଅରେଜ ଲିମିଟେଡ୍, ଇଫକୋ, ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍), ଉଦ୍ୟୋଗୀ ପ୍ଲାଷ୍ଟିକ୍ସର ବିଶେଷଜ୍ଞ ଏବଂ ଓଡ଼ିଶା କାରଖାନା ନିୟମ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ଦକ୍ଷ ବିଶେଷ ଓ ରାଜେଶ କାନୁନଗୋଙ୍କ ଦ୍ୱାରା ବୈଷୟିକ ଅଧିବେଶନ ପ୍ରଦାନ କରାଯାଇଥିଲା। ଅଧିବେଶନ ଗୁଡ଼ିକରେ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା, ଆମୋନିଆ ପରିଚାଳନା ପ୍ରଣାଳୀ, ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ, ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନା, ସୁରକ୍ଷା ମାନଦଣ୍ଡ ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଆମୋନିଆ ଟ୍ୟାଙ୍କର୍ ଲିକେଜ୍ ଉପରେ ଏକ ଲାଇଭ୍ ମକ୍ ଡ୍ରିଲ୍, ଯାହା କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ଦ୍ୱାରା ମିଳିତ ଭାବରେ ଇଫକୋ ପାରାଦୀପ ୟୁନିଟ୍ ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍) ସହାୟତାରେ କରାଯାଇଥିଲା। ଏହି ଅଭ୍ୟାସରେ ଲିକ୍ ଚିହ୍ନଟ, ଜରୁରୀକାଳୀନ ପ୍ରତିକ୍ରିୟା ସକ୍ରିୟକରଣ, ନିଷ୍କାସନ ପ୍ରକ୍ରିୟା, ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ପଦକ୍ଷେପ ଏବଂ ସମନ୍ୱିତ ଜରୁରୀକାଳୀନ ପରିଚାଳନା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମଟି ଏକ ପାରସ୍ପରିକ ମତାମତ ଅଧିବେଶନ ଏବଂ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ବଣ୍ଟନ ସହିତ ଶେଷ ହୋଇଥିଲା।

## ପାରାଦୀପ ପୌରପାଳିକା ପକ୍ଷରୁ ରଥଯାତ୍ରାରେ ଖାଦ୍ୟଷ୍ଟଲର ଗୁଣବତ୍ତା ଯାଞ୍ଚ




ପାରାଦୀପ:୧୭/୭(ନନ୍ଦିନୀ) ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହୋତ୍ସବ ସମୟରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଜଗତସିଂପୁରର ଖାଦ୍ୟ ସୁରକ୍ଷା ଅଧିକାରୀ, ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ପାରାଦୀପ ରଥଯାତ୍ରାରେ ଖାଦ୍ୟ ଷ୍ଟଲଗୁଡ଼ିକର ଯାଞ୍ଚ କରାଯାଇଛି । ଖାଦ୍ୟର ଗୁଣବତ୍ତା ଯାଞ୍ଚ କରାଯିବା ସହ ଏବଂ ନିଷିଦ୍ଧ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

## ମଧ୍ୟସ୍ଥିକୁ ମାଡ଼ମାରି ଲହୂଲୁହାଣ କରିବା ଘଟଣା ଦୁଇ ବର୍ଷ ନଜର ବନ୍ଦୀ ରହିବେ ଅଭିଯୁକ୍ତଦ୍ୱୟ

ପାରଳାଖେମୁଣ୍ଡି, (ମହାଭାରତ) : ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟସ୍ଥ ବଟବୃକ୍ଷ ନିକଟରେ ଗାଡି ବନ୍ଧା ପକାଇବା ତଥା ପଇସା ଦେଣ ନେଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚାଲୁଥିବାବେଳେ ମଧ୍ୟସ୍ଥି କରି ଏତଲାକାରି ମାଡ଼ ଖାଇବା ତଥା ଲହୂଲୁହାଣ ହେବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ ଓ ୩୨୪ରେ ପାରଳାଖେମୁଣ୍ଡି ମଡେଲ ଥାନା ଅନ୍ତର୍ଗତ ଶାନ୍ତିନଗର ନିବାସୀ ଅଭିଯୁକ୍ତ ବିଜୟକାଲ ପାଣି (୩୦ବର୍ଷ) ଓରଫ ବିଜୟ କୁମାର ନିଳାପୁ ଓ ଗଣେଶ ପାଣି (୫୯ବର୍ଷ) ଓରଫ ଗଣେଶ ନିଳାପୁଙ୍କୁ ଦୋଷୀ ସାବ୍ୟସ୍ତ କରି ୧୫ଦିନ ଭିତରେ ଅଦାଲତରେ ଆତ୍ମ ସମର୍ପଣ କରି କୋଡ଼ିଏ ହଜାର ଟଙ୍କା ମୁଚାଲିକାରେ ୨ବର୍ଷ ନଜର ବନ୍ଦୀ ରହିବା ତଥା ସମାଜରେ ବିଶୃଙ୍ଖଳା ସୃଷ୍ଟି କରିଲେ କୌଣସି ବି ସମୟରେ ସଜା ଭୋଗ କରିବାକୁ ପ୍ରସ୍ତୁତ ରହିବା ନେଇ ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୨୨-୦୧-୨୦୨୪ରିଖ ସନ୍ଧ୍ୟା ୭ଘଟିକାରୁ ୭.୩୦ଘଟିକା ସମୟ ମଧ୍ୟରେ ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟସ୍ଥ ବଟବୃକ୍ଷ ନିକଟରେ ଗାଡି ବନ୍ଧା ପକାଇବା ତଥା ପଇସା ଦେଣନେଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚାଲୁଥିବା ବେଳେ ସେ ସମୟରେ ଏତଲାକାରି ଚୈତନ୍ୟ ମାଳି ମଧ୍ୟସ୍ଥି ଭାବେ ସେଠାରେ ପହଞ୍ଚି ବୁଝାସୁଝା କରିବା ସମୟରେ ଅଭିଯୁକ୍ତ ବିଜୟକାଲ ପାଣି ତାଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ତାଗିଦ କରି ଏହି ମାମଲାରେ ମୁଣ୍ଡ ନ ଖେଳାଇବାକୁ କହିଥିଲେ । ତା'ପରେ ଅନ୍ୟ ଅଭିଯୁକ୍ତ ଗଣେଶ ପାଣି ବି ତାଙ୍କୁ ଆକ୍ରମଣ କରିବା ସହ ତଳେ ପକାଇ ଦେଇ ନିସ୍ତୁକ ମାଡ଼ ମାରିବା ସହ ଅଭଦ୍ର ଭାଷାରେ ଗାଳି କରିଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇନଥିଲା।

## ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦୁଡ଼ା ପଞ୍ଚାୟତର ଆଦିବାସୀ ଅଞ୍ଚଳ ବାଇଝରି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ନୟାଗଡ଼ ସେବା ଉତ୍ସବ ସମିତି ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ଉତ୍ସବ ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ଗରିବ ଲୋକଙ୍କୁ ବସ୍ତ୍ର ଓ ଚପଲ ବଣ୍ଟନ ହୋଇଥିଲା । ଏହି ଶିବିରରେ ପ୍ରାୟ ୧୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡ଼ ଅରବିନ୍ଦ ଦାସ ଏବଂ ଡ଼ ବାଳକୃଷ୍ଣ ମହାରଣା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବଂଶୀଧର ସାହୁ, ରବୀନ୍ଦ୍ର ଭଞ୍ଜ ବ୍ରହ୍ମା, ପ୍ରଫୁଲ କୁମାର ନାୟକ, ପ୍ରଦୀପ କୁମାର ସାହୁ, ସାମ୍ବାଦିକ



ବିକ୍ରମ ସ୍ୱାଇଁ, ବାଇଝରି ବିଦ୍ୟାଳୟର ସହକାରୀ ଶିକ୍ଷକ ମଧୁସୂଦନ କହଁର, କୁଲୁରକୁମ୍ପା ପଞ୍ଚାୟତ ସମାଜସେବୀ ତଥା ସାମ୍ବାଦିକ ସତ୍ୟନାରାୟଣ ସାହୁ, ସମାଜସେବୀ ବସନ୍ତ କୁମାର ସାହୁ, ସାନ୍ତନୁ ନାୟକ, ସେବା ସମିତିର ସକ୍ରିୟ ସଦସ୍ୟ ଆଲୋକ ବେହେରା, ଟାକରା ଉତ୍ସର୍ଗ ଫାଉଣ୍ଡେସନର ସଦସ୍ୟ ତଥା ଯୁବ ସାମ୍ବାଦିକ ପ୍ରିୟବ୍ରତ ଆଚାର୍ଯ୍ୟ ଓ ଚନ୍ଦ୍ରଶେଖର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସେବା ଉତ୍ସବ ସମିତି ସକ୍ରିୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ସେବା ଉତ୍ସବ କାର୍ଯ୍ୟକ୍ରମ ଆଗାମୀ ୨୦ ତାରିଖରେ ଉଦଯାପନୀ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି।

## ଜୟ ହିନ୍ଦ କ୍ଲବର ୧୩ତମ ଫୁଟବଲ ଟ୍ରଫି ଉନ୍ମୋଚନ, ଫ୍ରେଣ୍ଡଲି ମ୍ୟାଚ୍ ଆୟୋଜିତ

ଝାରସୁଗୁଡ଼ା,: ସ୍ଥାନୀୟ ମନମୋହନ ଏମ୍.ଇ. ସ୍କୁଲ ପଡ଼ିଆରେ ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ୧୩ତମ ଫୁଟବଲ ଲିଗ୍-କମ୍-ନକ୍ଆଉଟ୍ ପ୍ରତିଯୋଗିତାର ଟ୍ରଫି ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ସରବାହାଲ ଜୟ ଜୱାନ କ୍ଲବ ଓ ବେହେରାପାଟ ଦଳ ମଧ୍ୟରେ ଏକ ରୋମାଞ୍ଚକର ଫ୍ରେଣ୍ଡଲି ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ୟାରେ ଲାଲ ଶ୍ରୀବାସ୍ତବ, ବରିଷ୍ଠ ସାମ୍ବାଦିକ ବସନ୍ତ ଜେନା, ପ୍ରୀତମ ପଣ୍ଡା, ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ତପସ କୁମାର ରାୟ ଚୌଧୁରୀ ଓ ରାଜକୁମାର ଶର୍ମା ଉପସ୍ଥିତ ଥିଲେ। ଅତିଥିମାନେ ମିଳିତ ଭାବେ ଟ୍ରଫି ଉନ୍ମୋଚନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।ଜୟ ହିନ୍ଦ କ୍ଲବର ସଭାପତି ମୋହନ କୁମାର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ବାସୁଦେବ ସେଠୀ, ସମ୍ପାଦକ କାଜଲ ଗୁହା, ଉପସଭାପତି ରାଜୁ ଶ୍ରୀବାସ, ଭିଖାରୀ ମୁଣ୍ଡା, ଦଶରଥ ମୁଣ୍ଡା, ରାଧେଶ୍ୟାମ ସିଂହ, ବସନ୍ତ କୁମାର ମହାନ୍ତି, ବସନ୍ତ ଶ୍ରୀବାସ, ଶ୍ରୀନିବାସ ସେଠୀଙ୍କ




ସହ କ୍ଲବର ବହୁ ସଦସ୍ୟ ଓ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ। ଆୟୋଜକମାନେ କହିଛନ୍ତି, ଏହି ପ୍ରତିଯୋଗିତା ମାଧ୍ୟମରେ ଅଞ୍ଚଳରେ ଫୁଟବଲ ଖେଳର ପ୍ରସାର ସହ ଯୁବପିଢ଼ି ମଧ୍ୟରେ କ୍ରୀଡ଼ା ମନୋଭାବ ଓ ସୁସ୍ଥ ପ୍ରତିଯୋଗିତାର ଭାବନାକୁ ପ୍ରୋତ୍ସାହନ ଦିଆଯିବ।

## ଅସ୍ତରଙ୍ଗ ଓ୍ର କାକଟପୁର ବ୍ଲକ ଏବେ ଚୋରଙ୍କ ଆଡ୍ଡାସ୍ଥଳୀ



ଅସ୍ତରଙ୍ଗ(ମହାଭାରତ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ୍ର କାକଟପୁର ବ୍ଲକ ଏବେ ଚୋର ଙ୍କ ଆଡ୍ଡାସ୍ଥଳୀ ପାଲଟିଛି ।ଗୋଟେ ପଟେ ବିଶ୍ୱନିୟନ୍ତାଙ୍କ ଘୋଷ ଯାତ୍ରା ଚାଲିଥିବା ବେଳେ ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ,ମଠ ସାହି ଗାଁ ରେ ଘଟିଛି ଏକ ଅଭାବନୀୟ ଘଟଣା ଶ୍ରୀ ଚୈତନ୍ୟ ଦେବ ଙ୍କ ମନ୍ଦିର ରୁ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ,ପ୍ରତ୍ୟେକ ମୁହୂର୍ତ୍ତ ରେ ଏଠି ଲୁଟେରା ଙ୍କ ପାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ, ମଠ ମନ୍ଦିର ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର କେଉଁ ସ୍ଥାନରେ ତ୍ରାହି ନାହିଁ, ରାତି ପାହିଲେ କେଉଁଠୁ ନା କେଉଁଠୁ ଖବର ଆସୁଛି ଚୋରି, କେନ୍ଦ୍ରାପଟି ପଞ୍ଚାୟତ ମଠ ସାହି ଶ୍ରୀ ଚୈତନ୍ୟ ଦେବ ଙ୍କ ମନ୍ଦିର ରୁ ଲକ୍ଷାଧିକ ଟଙ୍କା ର ସୁନା ରୁପା ପିତଳ ସାମଗ୍ରୀ ଚୋରୀ ହୋଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି,ଏହି ଘଟଣା ପରେ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଭୟ ର ବାତାବରଣ ସୃଷ୍ଟି ହେବାରେ ଲାଗିଛି, ଉକ୍ତ ଗ୍ରାମ ର ବ୍ରାହ୍ମଣଶାସନ ପଡ଼ା ର ଶେଷ ରେ ଶ୍ରୀ ଚୈତନ୍ୟ ଦେବ ଙ୍କ ମନ୍ଦିର, ଆଜି ସକାଳ ୫ ଘଟିକା ସମୟରେ କିଛି ଗ୍ରାମବାସି ମାନେ ଦେଖିବାକୁ ପାଇଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ର କୁନ୍ଦୀ ଭଙ୍ଗା କବାଟ ର ତାଲା ତଳେ ପଡିଛି। ସଙ୍ଗେ ସଙ୍ଗେ ସମସ୍ତ ଗ୍ରାମବାସି ଏକତ୍ରିତ ହୋଇ ମନ୍ଦିର ରେ ଦେଖନ୍ତେ ଶ୍ରୀ ଚୈତନ୍ୟ ପ୍ରଭୁ ଙ୍କର ସମସ୍ତ ବେବହାର୍ଯ୍ୟ ପିତଳ ସାମଗ୍ରୀ ସହ ଘଣ୍ଟା,ଘଣ୍ଟି,ଖଟୁଲି ଏମିତି ଅନେକ ୧ ରୁ ୨ ଲକ୍ଷ୍ୟ ଟଙ୍କାର ସାମଗ୍ରୀ ଚୋରି ହେଇଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତ୍ର ରେ ଆସି ଏହି କାଣ୍ଡ ଘଟାଇ ଥିବା ଗ୍ରାମ ବାସି ମାନେ ଅନୁମାନ କରୁଛନ୍ତି, ସଙ୍ଗେ ସଙ୍ଗେ ଗ୍ରାମ ର ମୁରବି ମାନେ ଏକାଠି ହୋଇଥିଲେ, ଏଠି ବୁଦ୍ଧିଜୀବୀ ମାନେ ସିଧା ସଳଖ ପୋଲିସ ପ୍ରଶାସନ କୁ ଦାୟୀ କରିବା ସହ ରାତ୍ର ସମୟ ରେ ଅଘୋଷିତ ବିଦ୍ୟୁତ କାଟ ଚୋର ଙ୍କୁ ସୁହାଉଛି ବୋଲି ଅଭିଯୋଗ ଉଠାଉ ଛନ୍ତି,ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଢିଲା, ଗ୍ରାମାଞ୍ଚଳ ରେ ପ୍ରତ୍ୟେକ ସମୟରେ ଚୋରୀ ହେଉଛି କିନ୍ତୁ ପେଟ୍ରୋଲିଙ୍ଗ ହେଉନାହିଁ, ବ୍ରାଉନସୁଗାର ନିଶା କାରବାର ଏତେ ପରିମାଣ ରେ ବୃଦ୍ଧି ହେଇଛି ଅସ୍ତରଙ୍ଗ,କାକଟପୁର ଅଞ୍ଚଳ ରେ ଏହି ଦୁର୍ବୃତ୍ତମାନେ ଆସି ଏହିପରି କାଣ୍ଡ ଘଟାଇ ଯାଉଛନ୍ତି ମାତ୍ର ଆଜି ପର୍ଯ୍ୟନ୍ତ ଅସ୍ତରଙ୍ଗ ଓ କାକଟପୁର ପୋଲିସ କୌଣସି ସଠିକ ପ୍ରମାଣଯୁକ୍ତ ଚୋର କୁ ଧରିବାରେ ସକ୍ଷମ ହୋଇନାହିଁ, ଏନେଇ ଗ୍ରାମ ର ପ୍ରମୋଦ କୁମାର ଦାସ, ଅଶୋକ କୁମାର ଦାସ, ତ୍ରିନାଥ ଦାସ ଓ୍ର ଅନ୍ୟ ଅଭିଯୋଗକାରୀ ଙ୍କ ତରଫରୁ କାକଟପୁର ଥାନା ରେ ଅଭିଯୋଗ କରାଯାଇଛି।

## ଗଜପତିରେ ତେଜିଲେ ମହିଳା

## ମଦ ବେପାରୀଙ୍କ ଘରେ ପଶି ନଷ୍ଟ କଲେ ମହୁଲୀ ମଦ

ପାରଳାଖେମୁଣ୍ଡି, : ଗଜପତି ଜିଲ୍ଲାରେ ବେଆଇନ ମଦ ବିକ୍ରି ବିରୁଦ୍ଧରେ ମହିଳାମାନେ ଏକତ୍ରିତ ଭାବେ ତେଜିଲେ। ମଦ ବେପାରୀଙ୍କ ଘରେ ପଶି ବେଆଇନ ବିକ୍ରି ପାଇଁ ଥିବା ମହୁଲି ମଦକୁ ମହିଳାମାନେ ନଷ୍ଟ କରିଥିବା ସୂଚନା ମିଳିଛି। ଘଟଣାଟି ଏହି ଜିଲ୍ଲାର ଅଡବା ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ଘଟିଛି । ଏହି ଗ୍ରାମରେ ଗତ କିଛି ମାସ ହେବ ମଦ ବିକ୍ରୀ ବଢିବାରେ ଲାଗିଥିଲା। ଯାହା ଫଳରେ ଗ୍ରାମରେ ଅଧିକାଂଶ ପରିବାରରେ କଳହ ଲାଗିରହୁଥିଲା ଓ ଯାହାକୁ ନେଇ ଇତି ମଧ୍ୟରେ ଗମ୍ଭାରୀ ଓ କମ୍ବାଜୁ ଦୁଇ ଗ୍ରାମର ଶତାଧିକ ମହିଳା ଅଡବା ଥାନାର ଦ୍ୱାରସ୍ଥ ହୋଇ ମଦ ବିକ୍ରି ବନ୍ଦ କରିବା ପାଇଁ ଅଭିଯୋଗ କରିଥିଲେ କିନ୍ତୁ ପୁଣି ମଦ ବିକ୍ରି ଚାଲୁଥିବା ବେଳେ ମଦ ବେପାରୀଙ୍କ ଘରେ ମହିଳାମାନେ ଏକତ୍ରିତ ହୋଇ ପ୍ରବେଶ କରି ବିକ୍ରୀ କରିବା ପାଇଁ ରଖା ଯାଇଥିବା ମଦକୁ ବାହାର କରି ମହିଳାମାନେ ନଷ୍ଟ କରିଥିଲେ ଓ ଆଗାମୀ ଦିନରେ ଯଦି



ଏମିତି ଭାବେ ଗ୍ରାମରେ ବେଆଇନ୍ ଭାବେ ବିକ୍ରି କରିବେ ତାହେଲେ ଆଇନ୍ ହାତକୁ ନେବାକୁ ବାଧ ହେବୁ ବୋଲି ଦୁଇ ଗାଁର ମହିଳାମାନେ ଚେତାବନୀ ଦେଇଛନ୍ତି।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ

ସମ୍ବଲପୁର,:ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଅଞ୍ଚଳର ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ପକ୍ଷରୁ ରାଜ୍ୟ ବ୍ୟାପି ବିଭିନ୍ନ ସ୍ଥାନ ରେ ସମ୍ବଲପୁରୀ ଦିନ ପାଳନ କରାଯାଉଛି । ମଞ୍ଚ ପକ୍ଷରୁ ସମ୍ବଲପୁର ଜେଲ ଛକ ନିକଟରେ ଥିବା ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା ରେ ୧୪ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଳନ କରାଯିବ । ଏହି ମର୍ମ ରେ ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଭୁବନେଶ୍ୱର ରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରାଯାଇଛି । ନିମନ୍ତ୍ରଣ ପତ୍ର ସହିତ ମଞ୍ଚ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କୁ ସମ୍ବଲପୁରୀ ର ପ୍ରଚାର ପ୍ରସାର ପାଇଁ ସମ୍ବଲପୁର ଜେଲ ଛକ ନିକଟସ୍ଥ



ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରା କୁ ବିକଶିତ କରିବା ପାଇଁ ଅନୁରୋଧ କରାଯାଇଛି। ଏହାସହ ରାଜ୍ୟର ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କ ସମେତ ହସ୍ତତନ୍ତ, ବୟନଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ମଧ୍ୟ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ରେ ଅତିଥି ଭାବେ ଯୋଗ ଦେବାପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ପଶ୍ଚିମା□ଳ ଏକତା ମଞ୍ଚ ପକ୍ଷରୁ ଉପଦେଷ୍ଟା ନାଉରୀ ନାୟକ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଙ୍ଗଠନ ସଂଯୋଜକ ସୁବୋଧ କୁମାର ଦୋରା, ଭୁବନେଶ୍ୱର ସଂଯୋଜକ କିଶୋର କୁମ୍ଭାର, ଆବାହକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଇଣ୍ଡିଆ ବୁକ ଅଫ ରେକର୍ଡ ରେ ଶ୍ରୀହୀତା




ଆସିକା(ମହାଭାରତ):ଆସିକା କଲେଜ ଛକ ବାସିନ୍ଦା ଆଇନଜୀବି ଦ୍ୱାରିକା ନାଥ ପରିଡା ଓ ଭାରତୀ ପ୍ରଧାନ ଙ୍କ ଝିଅ ଶ୍ରୀହୀତା ଶ୍ରୀୟାନଭୀ ପରିଡା ଇଣ୍ଡିଆ ବୁକ ଅଫ ରେକର୍ଡ ରେ ନିଜ ପ୍ରତିଭା ପାଇଁ ପୁରସ୍କୃତ ହୋଇଛନ୍ତି। ଶ୍ରୀହୀତା ମାତ୍ର ୧ବର୍ଷ ୮ମାସରେ ବୟସରେ ଏକା ଥରରେ ୨୮ଟି ରାଜ୍ୟର ରାଜଧାନୀ, ୧୨ଟି ସାଧାରଣ ଜ୍ଞାନ, ଇଂରାଜୀ ବର୍ଣ୍ଣମାଳା, ଓଡ଼ିଆ ବର୍ଣ୍ଣମାଳା, ୭ବାରର ନାମ, ୧୨ମାସର ନାମ, ୧-୩୦ଓଡ଼ିଆରେ ଗଣନା, ୧-୧୦ଇଂରାଜୀ ରେ ଗଣନା,ନିଜ ସାଇକେଲ ର ୧୦ଟି ପାର୍ଟ୍ସ ର ନାମ, ନିଜ ଶରୀରର ୧୯ଟି ଅଙ୍ଗ ର ନାମ, ୧୮ଟି ଫ୍ଲାସ କାର୍ଡର ନାମ,୭ଟି ରଙ୍ଗର ନାମ,୪ଟି ଅଳଙ୍କାର ର ନାମ,୧୦ଟି ଶିଶୁବୋଧ ଗୀତ,୧୦ଟି ପଶୁ ପକ୍ଷୀର ସ୍ୱର କହି ଗତ ମାର୍ଚ୍ଚ ୨ତାରିଖରେ ଆର ବି ଆଇ ମୁଖ୍ୟ ସମ୍ପାଦକ ଡ଼ ବି ଆର ଚୌଧୁରୀ ଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ।ଶ୍ରୀହୀତା ଙ୍କ ନାମ ଆର ବି ଆଇ ୱେବସାଇଟରେ ଉପଲବ୍ଧ ହୋଇ ଆର ବି ଆଇ ଇନ୍ଷ୍ଟଗ୍ରାମ, ଫେସବୁକ ପେଜ୍ ରେ ମଧ ଉପଲବ୍ଧ ହୋଇପାରିଛି। ଶ୍ରୀ ହିତାଙ୍କ ନାମରେ ଏକ ସର୍ଟ ଡାକମେଣ୍ଟ୍ରି ମଧ ଇଣ୍ଡିଆ ଟିଭିରେ ପ୍ରସାରିତ ହେବାକୁ ଯାଉଛି ।ଶ୍ରୀହୀତା ଙ୍କ ନାମ ଆର ବି ଆଇ ହିରୋସ ରେ ଚୟନ ହୋଇଛି। ଏହି ସଫଳତା ପାଇବା ପରେ ଶ୍ରୀହୀତା ଙ୍କ ପାଖକୁ ଶୁଭେଚ୍ଛା ର ସୁଅ ଛୁଟିବାକୁ ଲାଗିଛି।

## ଶିଶୁ ମାନଙ୍କ ଉନ୍ନତି ପାଇଁ ପିଙ୍କ୍ ସ୍କାଇ କ୍ରେଚ ସେଣ୍ଟର

ବଲାଙ୍ଗିର(ମହାଭାରତ):ପବିତ୍ର ରଥଯାତ୍ରା ଅବସରରେ ବଲାଙ୍ଗିର ସହରର ସିଭିଲ କୋର୍ଟ ପଛପଟେ ପିଙ୍କ୍ ସ୍କାଇ କ୍ରେଚ୍ ନାମକ ଚାଇଲ୍ଡ ଡେ କେୟାର ସେଣ୍ଟରର ଶୁଭ ଉଦ୍ଘାଟନ ହୋଇଯାଇଛି ।କ୍ରେଚର୍ ପ୍ରତିଷ୍ଠାତ୍ରୀ ଆଶା ଆର୍ଯ୍ୟାଙ୍କ ଉଦ୍ୟମରେ ସ୍ଥାପିତ ଏହି ଅନୁଷ୍ଠାନକୁ ପୌରାଧ୍ୟକ୍ଷା ଲିକା ସାହୁ ଫିତା କାଟି ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି ଅବସରରେ ପୌର ପରିଷଦ ସଦସ୍ୟା ସରିତା ଦାଶ, ବନ୍ଧୁବର୍ଗ ଓ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହି ଅନୁଷ୍ଠାନର ସଫଳତା କାମନା କରିଥିଲେ । ବଲାଙ୍ଗିର ସହରର କାର୍ଯ୍ୟରତ ଅଭିଭାବକଙ୍କ ପାଇଁ ଏଭଳି ଏକ ଗୁଣାତ୍ମକ କ୍ରେଚ୍ ସମୟର ଆବଶ୍ୟକତା ଥିଲା ଏବଂ ଏହା ଶିଶୁମାନଙ୍କର ସୁରକ୍ଷିତ ଯତ୍ନ ଓ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପିଙ୍କ୍ ସ୍କାଇ କ୍ରେଚ୍ ମାଧ୍ୟମରେ ଶିଶୁମାନଙ୍କୁ ସୁରକ୍ଷିତ, ସ୍ନେହପୂର୍ଣ୍ଣ ଓ ଶିକ୍ଷଣ ଅନୁକୂଳ ପରିବେଶ ପ୍ରଦାନ କରିବା ସହ କାର୍ଯ୍ୟରତ ଅଭିଭାବକଙ୍କ ବିଶ୍ୱସ୍ତ ସହଯୋଗୀ ହେବା ଲକ୍ଷ୍ୟ ରହିଛି ବୋଲି ପ୍ରତିଷ୍ଠାତ୍ରୀ ଆଶା କାର୍ଯ୍ୟା କହିଥିଲେ । କାର୍ଯ୍ୟକ୍ରମକୁ ସ୍ମାଇଲ ଫର ଅଲ୍ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ଉମରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଉମରକୋଟ(ମହାଭାରତ): ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଥାନା ଅଧିକାରୀ ଶ୍ରୀ ଯୁଗଳ ଶବର.ସନମାନନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବି ଶ୍ରୀ ପ୍ରଶାନ୍ତ କୁମାର ସାହୁ, ପ୍ରତିଷ୍ଠିତ ସମାଜ ସେବୀ ଶ୍ରୀ ମୋନଜ କୁମାର ପାତ୍ର , ପ୍ରମେୟ ଖବର କାଗଜର ଉମରକୋଟ ପ୍ରତିନିଧି ଶ୍ରୀ ଦେବି ପ୍ରସାଦ ବେହେରା, ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ଶ୍ରୀ କିରଣ କୁମାର ପଟ୍ଟନାୟକ, ନିୟୁଜ ସେଭେନ ପ୍ରତିନିଧି କାନ୍ହୁ ନନ୍ଦିଆ, ସାମ୍ବାଦିକ ସନ୍ତୋଷ ଦଳେଇ,ବନପାଳ ଶ୍ରୀ ଅକୁଳ ବୈରାଗୀ, ଉମରକୋଟ ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ ପାତ୍ର,ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟ କ୍ରମରେ ସଭାପତି ଭାବରେ ଅନୁଷ୍ଠାନର ଅଧକ୍ଷ ଶ୍ରୀ ସଞ୍ଜୟ କୁମାର ଠାକୁର ଏବଂ ଉପସଭାପତି ଭାବରେ ଶ୍ରୀ ପ୍ରଦୀପ କୁମାର ବୋରମନ ଯୋଗ ଦେଇ ଥିଲେ । ଅନୁଷ୍ଠାନର ସହକାରୀ ତାଲିମ ଅଧିକାରୀ ଶ୍ରୀ ବାବୁ କୁମାର ଦଲାଇ ଏବଂ ବରିଷ୍ଠ ପ୍ରଶିକ୍ଷକ ଶ୍ରୀ ସୌରଭ ମିଶ୍ର ମଞ୍ଚ ପରିଚାଳନା କରିବା ସହିତ ଯୁବ ସମାଜକୁ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

## ବିଦ୍ୟୁତ ଆଘାତରେ ରାମଦୋଳିରେ ବସିଥିବା ନାବାଳକ ମୃତ

ପାରଳାଖେମୁଣ୍ଡି, ପାରଳାଖେମୁଣ୍ଡି ରଥଯାତ୍ରାରେ ଅଘଟଣ ଘଟିଛି। ଗୁଣ୍ଡିଚା ମନ୍ଦିର ନିକଟରେ ରଥଯାତ୍ରାରେ ଜନ ସାଧାରଣଙ୍କ ଚିତ୍ତ ବିନୋଦିନ ପାଇଁ ଖୋଲା ଯାଇଥିବା ମିନାବଜାରର ରାମଦୋଳିରେ ବସିଥିବା ଜଣେ ନାବାଳକ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି । ମୃତକ ଜଣକ ହେଲେ ପାରଳାଖେମୁଣ୍ଡି ଫ୍ରେଣ୍ଡସ କଲୋନୀ ତୃତୀୟ ଲାଇନର ବିନୋଦ ବେହେରା (୧୫) । ବିନୋଦ ତାର ସାଙ୍ଗମାନଙ୍କ ସହ ଗତକାଲି ସନ୍ଧ୍ୟାରେ ମିନାବଜାର ରାମଦୋଳିରେ ବସିଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଚେତ ହେବା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଗତକାଲି ରାତିରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ବ୍ୟବଚ୍ଛେଦ ପରେ ଆଜି ନାବାଳକଙ୍କ ମର ଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପରେ ଶୋକାକୂଳ ପରିବେଶରେ ନାବାଳକର ଅନ୍ତିମ ସଂସ୍କାର କରାଯାଇଛି। ଘଟଣା ନେଇ ପାରଳା ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

## ଭକ୍ତମାନଙ୍କ ଯାତ୍ରାକୁ ସୁରକ୍ଷିତ କରିବାକୁ ସେବାମୂଳକ ବ୍ୟବସ୍ଥା



ପୁରୀ,୧ :ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ପୁରୀକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ, ବିଶେଷକରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତମାନଙ୍କର ଯାତ୍ରାକୁ ସୁଗମ, ସୁରକ୍ଷିତ ଓ ସୁବିଧାଜନକ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ସେବାମୂଳକ ବ୍ୟବସ୍ଥା କରାଯାଇଛି ।ଏହି ପରିପ୍ରେକ୍ଷୀରେ ମାନ୍ୟବର ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ପୁରୀର ତାଳବଣିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବହନ ବିଭାଗ ପକ୍ଷରୁ ସ୍ଥାପିତ ଅସ୍ଥାୟୀ ବିଶ୍ରାମ ସ୍ଥଳୀ, ସୂଚନା କେନ୍ଦ୍ର, ସହାୟତା କେନ୍ଦ୍ର ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁ ସେବାର ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍. ବି. ଏସ୍. ରାଜପୁତ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହା ସହିତ ପରିବହନ ବିଭାଗ ପକ୍ଷରୁ ପରିଚାଳିତ ନିଶୁଳ୍କ ଅଟୋ ସେବା ମାଧ୍ୟମରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ସୁରକ୍ଷିତ ଭାବେ ଯାତାୟାତ କରି ଉପକୃତ ହୋଇଛନ୍ତି ।ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ସୁରକ୍ଷା, ସୁବିଧା ଓ ସୁଗମ ଯାତାୟାତ ସୁନିଶ୍ଚିତ କରିବା 'ଲୋକଙ୍କ ସରକାର'ର ପ୍ରାଥମିକତା। ରଥଯାତ୍ରାରେ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁ ଯେପରି ନିରାପଦ ଓ ନିର୍ବିଘ୍ନ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ତାଳବଣିଆରେ ଉପଲବ୍ଧ କରାଯାଇଥିବା ଏହି ସମସ୍ତ ସେବା ସହ ମାଳତୀପାଟପୁରଠାରେ ମଧ୍ୟ ସମାନ ଭାବେ ବିଶ୍ରାମ ସ୍ଥଳୀ, ସୂଚନା କେନ୍ଦ୍ର, ସହାୟତା କେନ୍ଦ୍ର ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁ ସୁବିଧା କାର୍ଯ୍ୟକ୍ଷମ ରହିଛି ।'ଅନ୍ନ ହିଁ ବ୍ରହ୍ମ' ମହାନ ବାଣୀକୁ ପାଥେୟ କରି ତାଳବଣିଆଠାରେ ନିଶୁଳ୍କ ଅନ୍ନସେବାର ମଧ୍ୟ ଶୁଭାରମ୍ଭ କରାଯାଇଥିଲା ।ରଥଯାତ୍ରା ଅବସରରେ ପୁରୀକୁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ଆବଶ୍ୟକୀୟ ସୂଚନା, ସହାୟତା ଓ ସୁଗମ ପରିବହନ ସେବା ପହଞ୍ଚାଇବା ପାଇଁ ପରିବହନ ବିଭାଗ ନିରନ୍ତର କାର୍ଯ୍ୟ କରୁଥିବା ବେଳେ ବାହୁଡ଼ା ଓ ସୁନାବେଶରେ ମଧ୍ୟ ଏହି ସେବା ଅବ୍ୟାହତ ରହିବ।

## ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରତିବଦ୍ଧ: ଜିଲ୍ଲାପାଳ

ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବନ୍ୟା ଏବଂ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରୀ , ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱସୁଧାଂଶୁ କୁମାର ଭୋଇ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ସମ୍ବଲପୁର ମହାନଗର ନିଗମର ଅନ୍ୟ ଅଧିକାରୀ, ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଟାଉନ ପ୍ଲାନିଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସହରାଞ୍ଚଳ ଜଳିବନ୍ଦୀ ସମସ୍ୟାର ତୁରନ୍ତ ଏବଂ ସ୍ଥାୟୀ ସମାଧାନ, ୱାର୍ଡଭିତ୍ତିକ ସ୍ଥିତିର ବିଶ୍ଳେଷଣ, ସମନ୍ୱିତ ପଦକ୍ଷେପ ଏବଂ ମାଷ୍ଟର ପ୍ଲାନରେ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ବୈଠକରେ ଜିଲ୍ଲାପାଳ ସହରର ବିଭିନ୍ନ ୱାର୍ଡରେ ଥିବା ଜଳବନ୍ଦୀ ସମସ୍ୟାର ସମୀକ୍ଷା କରିବା ସହ ଏହାର ତୁରନ୍ତ ଏବଂ ସ୍ଥାୟୀ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହରର କେଉଁ କେଉଁ ସ୍ଥାନରେ ଜଳବନ୍ଦୀ ହେଉଛି, ତାର ପ୍ରକୃତ କାରଣ ଏବଂ କେଉଁ ବିଭାଗ ଦ୍ୱାରା କେବେ ସୁଦ୍ଧା କାର୍ଯ୍ୟ ଶେଷ ହେବ ତାର ଏକ ସ୍ପଷ୍ଟ ବିବରଣୀ ଫର୍ମାଟରେ ତୁରନ୍ତ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।ବର୍ଷା ଦିନେ ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ତୁରନ୍ତ ସମସ୍ତ ପ୍ରମୁଖ ଏବଂ ଶାଖା ଡ୍ରେନଗୁଡ଼ିକରୁ ପଙ୍କୋଦ୍ଧାର ଏବଂ ଜରୁରୀକାଳୀନ ଡ୍ରେନ ପ୍ରସ୍ତୁତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ କହିଛନ୍ତ । ଏହି କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ



କିମ୍ବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସହରର ପ୍ରାକୃତିକ ନାଳ ଏବଂ ଡ୍ରେନ ଉପରେ ହୋଇଥିବା ବେଆଇନ ଜବରଦଖଲ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏଥିପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ ପ୍ରସ୍ତୁତ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରିବାପାଇଁ ଏବଂ ପ୍ରତିବନ୍ଧକ ସାଜୁଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ମହାନଗର ନିଗମ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ କହିଛନ୍ତି। ରେଡ୍ କିମ୍ବା ଅରେଞ୍ଜ ୱାର୍ଣ୍ଣିଂ ସମୟରେ ତଳିଆ ଅଞ୍ଚଳରେ ପାଣି ଜମି ରହିଲେ, ତୁରନ୍ତ ପାଣି ପମ୍ପଏବଂ ଜେସିବି ମେସିନ ସହାୟତାରେ ଜଳ ନିଷ୍କାସନ କରାଯିବ।

## ସଫଳତାର ସହ ଉଡ଼ାଣ ରକେଟ୍ ବିକ୍ରମ-୧ , ସ୍କାଏରୁଟ୍ ଏରୋସ୍ପେସ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ପୁଣି ଥରେ ମହାକାଶରେ ଇତିହାସ ସୃଷ୍ଟି କରିଛି ଭାରତ । ଭାରତର ପ୍ରଥମ ଘରୋଇ ମାଲିକାନାରେ ଥିବା ରକେଟ୍ ବିକ୍ରମ-୧ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତକ୍ଷେପଣ କରାଯାଇଛି । ଯାହା ହାଇଦ୍ରାବାଦସ୍ଥିତ ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ବିକଶିତ । ପ୍ରଥମ ଘରୋଇ ଭାବରେ ନିର୍ମିତ ରକେଟର ଉଡ଼ାଣକୁ ମିଶନ ଆଗମନ କୁହାଯାଏ । ଏହା ଭାରତର ଘରୋଇ ମହାକାଶ ପାଇଁ ଏକ ପ୍ରମୁଖ ଏବଂ ଐତିହାସିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ବିକ୍ରମ-୧ ଉତକ୍ଷେପଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ମାଧ୍ୟମରେ ସ୍କାଏରୁଟ୍ ଏରୋସ୍ପେସ୍କୁ ଅଭିନନ୍ଦନ ଜଣାଇଥିଲେ । ଏହା ସହିତ ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ କକ୍ଷପଥ ରକେଟ୍ ବିକ୍ରମ-୧, ଏହାର ଅନ୍ତିମ ଜଳନ ସମାପ୍ତ କରିଛି ଏବଂ ସଫଳତାର ସହିତ କକ୍ଷପଥରେ ପ୍ରବେଶ କରିଛି । ଯାହା ୪୫୦ କିଲୋମିଟର କକ୍ଷପଥକୁ ଏକ ପେଲୋଡ୍ ପ୍ରଦାନ କରିଛି । ଏହି ସଫଳତା ସହିତ ଭାରତ ଘରୋଇ କକ୍ଷପଥ ପ୍ରକ୍ଷେପଣ କ୍ଷମତା ସହିତ ବିଶ୍ୱର ତୃତୀୟ ଦେଶ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଞ୍ଚ ପୂର୍ବରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ପୋଷ୍ଟ କରି ଏହାକୁ 'ଐତିହାସିକ ନୂତନ ଆରମ୍ଭ' ବୋଲି ମଧ୍ୟ କହିଛନ୍ତି।

## ହୋଟେଲ ଲିଫ୍ଟରେ ଫସିଲେ ସାଂସଦ ଶଶି ଥରୁର, ଉଦ୍ଧାର ପରେ ଅଗ୍ନିଶମ କର୍ମୀଙ୍କୁ ଚା ପିଇବାକୁ କଲେ ନିମନ୍ତ୍ରଣ

ନୂଆଦିଲ୍ଲୀ : କଂଗ୍ରେସର ବରିଷ୍ଠ ନେତା ଏବଂ ଲୋକସଭା ସାଂସଦ ଶଶି ଥରୁର ଶୁକ୍ରବାର ଦିନ ସନ୍ଧ୍ୟାରେ କେରଳର ତିରୁବନନ୍ତପୁରମର ଏକ ଘରୋଇ ହୋଟେଲର ଲିଫ୍ଟରେ ପ୍ରାୟ ୧୫ ମିନିଟ୍ ପାଇଁ ଫସି ରହିଥିଲେ । ଏହି ଘଟଣା ହୋଟେଲରେ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ସୂଚନା ପାଇ ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଏବଂ ତାଙ୍କ ସହିତ ଫସି ରହିଥିବା ଲୋକଙ୍କ ସୁରକ୍ଷିତ ଭାବେ



ଉଦ୍ଧାର କରିଥିଲେ । ସୂଚନାନୁଯାୟୀ, କଂଗ୍ରେସର ବରିଷ୍ଠ ନେତା ଏବଂ ଲୋକସଭା ସାଂସଦ ଶଶି ଥରୁର ତ୍ରିଭେନ୍ଦ୍ରମ ପୂର୍ବର ରୋଟାରୀ କ୍ଲବର ଉଦଘାଟନ ଉତ୍ସବରେ ଯୋଗଦେବା ପାଇଁ ସେଠାରେ ପହଞ୍ଚିଥିଲେ । କେରଳର ତିରୁବନନ୍ତପୁରମର ଏକ ଘରୋଇ ହୋଟେଲର ଲିଫ୍ଟରେ ପ୍ରାୟ ୧୫ ମିନିଟ୍ ପାଇଁ ଫସି ରହିଥିଲେ । ସନ୍ଧ୍ୟା ୭ଟା ୨୭ ମିନିଟରେ ଏହି ଘଟଣା ସମ୍ପର୍କରେ ଅଗ୍ନିଶମ ବିଭାଗ ସୂଚନା ପାଇଥିଲେ । ତୁରନ୍ତ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପଠାଯାଇଥିଲା । ହୋଟେଲ କର୍ମଚାରୀ ଏବଂ ଦେଖଣାହାରୀମାନେ ଲୁହା ରଡ୍ ସାହାଯ୍ୟରେ ଲିଫ୍ଟର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ବିଫଳ ହୋଇଥିଲେ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲିପ୍ଟ ଖରାପ ହୋଇଥିବା ଜଣାପଡିଛି । ଘଟଣାସ୍ଥଳରେ ପହଞ୍ଚିଥିବା ଅଗ୍ନିଶମ ଅଧିକାରୀମାନେ ଏକ ଆଧୁନିକ ହାଇଡ୍ରୋଲିକ୍ ସ୍ପ୍ରେଡର ଉପକରଣ ବ୍ୟବହାର କରିଥିଲେ ଏବଂ କିଛି ସମୟ ପରେ ଲିପ୍ଟ ଖୋଲିଥିଲା । ଅନ୍ୟପଟେ ଦ୍ୱାର ଖୋଲିବା ମାତ୍ରେ ଶଶି ଥରୁର ହସ ହସ ମୁହଁରେ ବାହାରକୁ ଆସିଥିଲେ । ସେ ତୁରନ୍ତ ଆଶ୍ୱସ୍ତିର ନିଶ୍ୱାସ ନେଇ ଉଦ୍ଧାରକାରୀ ଦଳକୁ ଧନ୍ୟବାଦ ଜଣାଇଥିଲେ । ଏହା ବ୍ୟତୀତ ଅଧିକାରୀଙ୍କ ତତ୍ପରତାକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ଚା ପିଇବାକୁ ନିମନ୍ତ୍ରଣ ମଧ୍ୟ କରିଥିଲେ। ଅଧିକାରୀମାନେ ହସ ଏବଂ ହାତ ମିଳାଇ ବିନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରିଥିଲେ । ପରେ ଥରୁର ଅଗ୍ନିଶମ କର୍ମଚାରୀଙ୍କ ତତ୍ପରତା ପାଇଁ ସେମାନଙ୍କୁ ସମ୍ମାନିତ କରିଥିଲେ ।

## ଇରାନ ଉପରେ ଆମେରିକାର ଭୟଙ୍କର ଏୟାରଷ୍ଟ୍ରାଇକ, ଥରୁଛି ଗଲ୍ଫ ଦେଶ

ନୂଆଦିଲ୍ଲୀ: ଆମେରିକା-ଇରାନ ମୁହାଁମୁହିଁ । ଥରୁଛନ୍ତି ଗଲ୍ଫ ଦେଶ । ମଧ୍ୟପ୍ରାଚ୍ୟରେ ସଂଘର୍ଷ ଏବେ ଏକ ଭୟଙ୍କର ରୂପ ନେବାରେ ଲାଗିଛି । ଗତକାଲି ରାତିରେ ଆମେରିକା ସେନା ପକ୍ଷରୁ ଇରାନ ଉପରେ ପୁଣି ଥରେ ଭୟଙ୍କର ଏୟାରଷ୍ଟ୍ରାଇକ ହୋଇଛି । ଲଗାତାର ସପ୍ତମ ରାତି ପାଇଁ ବୋମାବର୍ଷା କରିଛି ଆମେରିକା । ସେପଟେ ଆମେରିକାର ସହଯୋଗୀ ଦେଶଗୁଡ଼ିକ ଉପରେ ଇରାନ ପକ୍ଷରୁ କ୍ରମାଗତ ଭାବେ ହେଉଥିବା ଆକ୍ରମଣର ଜବାବରେ ଆମେରିକା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି । ଇରାନର ଜଣେ ବରିଷ୍ଠ ସାମରିକ ପରାମର୍ଶଦାତା ଆମେରିକାକୁ ଚେତାବନୀ ଦେଇ କହିଛନ୍ତି, ଯଦି ଏହି ସପ୍ତାହ ଶେଷ ସୁଦ୍ଧା ଆମେରିକାର ଆକ୍ରମଣ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ଆମେରିକାକୁ ଏକ "ପୂର୍ଣ୍ଣକାଳୀନ ଆକ୍ରମଣ" ର ସାମ୍ନା କରିବାକୁ ପଡ଼ିପାରେ । ଆମେରିକା ସେନା ପକ୍ଷରୁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ନିକଟରେ ଥିବା ଇରାନର ଏକ ସର୍ଭେଲାନ୍ସ ଟାୱାରକୁ ଧ୍ୱଂସ କରାଯିବା ପରେ ଇରାନ ଉକ୍ତିପ୍ତ ହୋଇପଡ଼ିଛି । ଇରାନର ସରକାରୀ ଗଣମାଧ୍ୟମ 'ଫାର୍ସ' ଅନୁଯାୟୀ, ଇରାନ ଏବେ ପାରସ୍ୟ ଉପସାଗରୀୟ ଦେଶଗୁଡ଼ିକର ପ୍ରମୁଖ ବନ୍ଦରଗୁଡ଼ିକୁ ଟାର୍ଗେଟ କରିବାକୁ ଧମକ ଦେଇଛି । ବନ୍ଦ ହେବା ଅବସ୍ଥାରେ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ସାମୁଦ୍ରିକ ମାର୍ଗ । ମାରିନ୍ ଟ୍ରାଫିକ ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ମାତ୍ର ୬ଟି ଜାହାଜ ଯାତାୟାତ କରିଛି । ଯାହା ସ୍ପଷ୍ଟ କରୁଛି ଯେ ଏହି ମାର୍ଗରେ ଯାଉଥିବା ଜାହାଜଗୁଡ଼ିକ କେତେ ବଡ଼ ବିପଦର ସାମ୍ନା କରୁଛନ୍ତି । ଏହି ଯୁଦ୍ଧ ପୂର୍ବରୁ ସାରା ବିଶ୍ୱର ପ୍ରାୟ ୨୦% ଅଶୋଧିତ ତୈଳ କେବଳ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିଲା । ଆଜି ସକାଳୁ କେତେକ ଉପସାଗରୀୟ ସାମ୍ରାଜ୍ୟ ଉପରେ ଆକ୍ରମଣ ହୋଇଥିବା ଖବର ସାମ୍ନାକୁ ଆସିଛି। ଯାହା ପରେ ସେଠାରେ ବିପଦର ସାଇରନ୍ ବାଜି ଉଠିଛି । କୁଏତ ସେନା ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ପୋଷ୍ଟ କରି କହିଛି, "କୁଏତ ଏୟାର ଡିଫେନ୍ସ ବର୍ତ୍ତମାନ ଶତ୍ରୁପକ୍ଷର ଡ୍ରୋନ୍ ଆକ୍ରମଣର ମୁକାବିଲା କରୁଛି ।" ଆକାଶରେ ଶୁଣାଯାଉଥିବା ବିସ୍ଫୋରଣର ଶବ୍ଦ ପ୍ରକୃତରେ ସେମାନଙ୍କ ଏୟାର ଡିଫେନ୍ସ ଦ୍ୱାରା ଶତ୍ରୁ ଡ୍ରୋନକୁ ଖସାଇ ଦେବାର ଶବ୍ଦ ବୋଲି ସେନା ସ୍ପଷ୍ଟ କରିଛି । ବହାରିନର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଜରୁରୀକାଳୀନ ସାଇରନ୍ ବଜାଯାଇଛି ।

# ଇତିହାସ ରଚିବ ଭାରତ, ଆଜି ମହାକାଶକୁ ଉଡ଼ାଣ ଭରିବ ପ୍ରଥମ ବେସରକାରୀ ରକେଟ୍ 'ବିକ୍ରମ-୧'

ନୂଆଦିଲ୍ଲୀ: ଇତିହାସ ରଚିବ ଭାରତ । ଉଡ଼ିବ ଭାରତର ପ୍ରଥମ ବେସରକାରୀ ରକେଟ । ଆଜି ମହାକାଶକୁ ଉଡ଼ାଣ ଭରିବ ପ୍ରଥମ ବେସରକାରୀ ରକେଟ୍ 'ବିକ୍ରମ-୧' । ଭାରତୀୟ ମହାକାଶ ଗବେଷଣା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍ ଏରୋସ୍ପେସ୍' ଦ୍ୱାରା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବେସରକାରୀ ଅର୍ବିଟାଲ୍ ରକେଟ୍ 'ବିକ୍ରମ-୧' ତାର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ଭରିବ । ଏହି ଐତିହାସିକ ଅଭିଯାନର ନାମ 'ମିଶନ୍ ଆଗମନ' ରଖାଯାଇଛି । ଆଜି ସକାଳ ସାଢେ ୧୧ଟାରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡରୁ ଏହା ମହାକାଶକୁ ପ୍ରକ୍ଷେପଣ କରାଯିବ। ଭାରତର ଘରୋଇ ମହାକାଶ କ୍ଷେତ୍ର ପାଇଁ ଏହା ଏକ ବିରାଟ ସଫଳତା । ଯାହା ବାଣିଜ୍ୟିକ ଉପଗ୍ରହ ପ୍ରକ୍ଷେପଣ ବଜାରରେ ଭାରତର ଦକ୍ଷତାକୁ ଆହୁରି ମଜବୁତ କରିବ



। କାର୍ବନ-କମ୍ପୋଜିଟ୍ ରେ ତିଆରି ଏହି ରକେଟର ଉଚ୍ଚତା ପ୍ରାୟ ୨୦ ରୁ ୨୪ ମିଟର। ଏହା ଏକ ୪-ଷ୍ଟେଜ୍ ରକେଟ୍ । ଏହାର ପ୍ରଥମ ତିନୋଟି ସ୍ତରରେ କଠିନ ଇନ୍ଧନ ଏବଂ ଶେଷ ସ୍ତରରେ ପୁନଃ-ଚାଳିତ ତରଳ ଇନ୍ଧନ ରହିଛି । ଏଥିରେ ରମଣ ଇଞ୍ଜିନ ବ୍ୟବହାର କରାଯାଇଛି । ଯାହା ଉପଗ୍ରହକୁ ସଠିକ୍ କକ୍ଷପଥରେ ସ୍ଥାପିତ କରିବାରେ ସାହାଯ୍ୟ କରିବ। ଏହା ୩୫୦ ରୁ ୪୮୦ କିଲୋଗ୍ରାମ ଓଜନର ପେଲୋଡ୍ କୁ ପୃଥିବୀର ନିମ୍ନ କକ୍ଷପଥକୁ ନେଇପାରିବ । ୪୫୦ କିଲୋମିଟର ଉଚ୍ଚତାରେ ଏଲଇଓର ୬୦ସ୍ୱ କୋଣରେ ଉପଗ୍ରହ ସ୍ଥାପନ କରିବ । ଏହି ପରୀକ୍ଷାମୂଳକ ଉଡ଼ାଣର ମୁଖ୍ୟ ଲକ୍ଷ୍ୟ ହେଉଛି ରକେଟ୍ ର ଗତିଶୀଳତା, ଗାଇଡାନ୍ସ, ନାଭିଗେସନ୍, କଣ୍ଟ୍ରୋଲ୍ ଏବଂ ଷ୍ଟେଜ୍ ଅଲଗା ହେବା ପ୍ରକ୍ରିୟାର ସମସ୍ତ ଇନ୍-ଫ୍ଲାଇଟ୍ ଡାଟା ସଂଗ୍ରହ । ଯାହା ଆଗାମୀ ଦିନରେ ବାଣିଜ୍ୟିକ ଉଡ଼ାଣକୁ ଅଧିକ ସହଜ କରିବ । ବିକ୍ରମ-୧ ନିଜ ସହ ନେଇଯାଉଥିବା ଉପଗ୍ରହ ଏବଂ ସାଂସ୍କୃତିକ ସ୍ମାରକୀ ହେଲା ଗ୍ରାହା ସ୍ପେସ୍ ର ୫ଙଖଇଜଇ୫ ୫୩ କ୍ୟୁବ୍ ସାଟ୍, କସମୋସର୍ଭ ସ୍ପେସର 'ଏମବ୍ରେସ୍' ରୋବୋଟିକ୍ ଆର୍ମ । ଯାହା ମହାକାଶ ଆବର୍ଜନା ହଟାଇବା କାମରେ ଆସିବ। ଏହା ସହ ଜର୍ମାନୀର ଉଉଟଇରଉ ପେଲୋଡ୍, ସ୍କାଏରୁଟ୍ ର ନିଜସ୍ୱ ୫ଉଙଚର ସାଟେଲାଇଟ୍ ରହିଛି । ସାଂସ୍କୃତିକ ପ୍ରତୀକ ଭାବେ ହୀରା ଗହଣା "କସମିକ୍ ବ୍ଲୁମ୍" ଏବଂ ଏକ ୧୮ କ୍ୟାରେଟ୍ ସୁନାର ମାଇକ୍ରୋ-ରକେଟ୍ । ଯେଉଁଥିରେ ଭାରତର ମହାନ ବୈଜ୍ଞାନିକ ସି.ଭି. ରମଣ, ବିକ୍ରମ ସାରାଭାଇ ଏବଂ ଏ.ପି.ଜେ. ଅବଦୁଲ କଲାମଙ୍କ ନାନୋ-ଭାସ୍କର୍ଯ୍ୟ ରହିଛି । ୨୦୨୨ ମସିହାରେ 'ବିକ୍ରମ-ଏସ ର ସଫଳ ସବ୍-ଅର୍ବିଟାଲ୍ ଉଡ଼ାଣ ପରେ ସ୍କାଏରୁଟ୍ ଏହି ବଡ଼ ମିଶନ ପାଇଁ ଦୀର୍ଘ ଦିନ ଧରି ପ୍ରସ୍ତୁତି ଚଳାଇଥିଲା । ୨୦୨୫ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ରକେଟ ଲୋକାର୍ପଣ କରିଥିଲେ । ଏବେ ଏହା ଲଞ୍ଚ ପ୍ୟାଡ୍ ରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ସ୍କାଏରୁଟ ସିଇଓ ପବନ କୁମାର ଚନ୍ଦନା କହିଛନ୍ତି ଇସ୍ରୋ (ଓ୫ଜଡଂ) ଏବଂ ଇନ୍-ସ୍ପେସ୍ (ଓଘ-୫ଚଇଉର) ର ସହଯୋଗ ଓ ସଂସ୍କାର ଯୋଗୁଁ ଏହି ମିଶନ ସମ୍ଭବ ହୋଇପାରିଛି । ଆଜିର ସଫଳ ଉଡ଼ାଣ ଭାରତକୁ ବିଶ୍ୱର ଛୋଟ ଉପଗ୍ରହ ପ୍ରକ୍ଷେପଣ ବଜାରରେ ଏକ ପ୍ରମୁଖ ଶକ୍ତି ଭାବେ ପ୍ରଦର୍ଶନ କରିବ ।

## ମେକ୍ସିକୋରେ ଶକ୍ତିଶାଳୀ ଭୂକମ୍ପ

ମେକ୍ସିକୋ: ମେକ୍ସିକୋ ଉପକୂଳରେ ଶକ୍ତିଶାଳୀ ଭୂକମ୍ପ । ୭.୩ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ମେକ୍ସିକୋ ଉପକୂଳରେ ଏହି ଭୂକମ୍ପ ହୋଇଛି । ଏହା ଯୋଗୁଁ ମେକ୍ସିକୋ ଏବଂ ପଡ଼ୋଶୀ ଦେଶ ଗ୍ୱାଟେମାଲାରେ ପ୍ରବଳ କମ୍ପନ ସୃଷ୍ଟି ହୋଇଛି । ୟୁଏସ୍ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ଚିଆପାସ୍ ଉପକୂଳର ଆକ୍ୱିଲେସ୍ ସେରଡାନଠାରୁ ପ୍ରାୟ ୪୮ କିଲୋମିଟର ଦୂରରେ ଏବଂ ଭୂପୃଷ୍ଠରୁ ୧୫ କିଲୋମିଟର ଗଭୀରତାରେ ଥିଲା। ତେବେ ଏହି ଭୂକମ୍ପରେ କୌଣସି ପ୍ରାଣହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତି ହୋଇନଥିବା ମେକ୍ସିକୋ ରାଷ୍ଟ୍ରପତି କ୍ଲୌଡିଆ ଶେନବାଉମ୍ ସୂଚନା ଦେଇଛନ୍ତି । ଚିଆପାସ୍ ଏବଂ ଓଆକ୍ସାକା ଭଳି ଦକ୍ଷିଣ ରାଜ୍ୟଗୁଡ଼ିକରେ ପ୍ରବଳ କମ୍ପନ ଅନୁଭୂତ ହୋଇଥିଲା । ସୁରକ୍ଷା ଦୃଷ୍ଟିରୁ ଡାକ୍ତରଖାନା ଏବଂ ଘରଗୁଡ଼ିକରୁ ଲୋକମାନଙ୍କୁ ବାହାରକୁ ସ୍ଥାନାନ୍ତର କରାଯାଇଥିଲା । ଗ୍ୱାଟେମାଲା ସିଟିରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିଲା । ସୀମାନ୍ତ ଅଞ୍ଚଳରେ କିଛି କାନ୍ଥ ଭୁଶୁଡ଼ିବା ସହ ମାଟି ଅତଡ଼ା ଖସିଥିବା ସୂଚନା ମିଳିଛି । ସୁରକ୍ଷା ପାଇଁ କିଛି ପ୍ରଦେଶରେ ସ୍କୁଲ୍ ଗୁଡ଼ିକୁ ବନ୍ଦ ରଖାଯାଇଛି ।

## ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ହେବେ ଆଣ୍ଡି ବର୍ନହାମ, ଜୁଲାଇ ୨୦ରୁ ସମ୍ଭାଳିବେ ଦେଶର ଶାସନ ଭାର

ନୂଆଦିଲ୍ଲୀ: ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ହେବେ ଆଣ୍ଡି ବର୍ନହାମ । ଜୁଲାଇ ୨୦ରୁ ସେ ଦେଶର ଶାସନ ଭାର ସମ୍ଭାଳିବେ। ବ୍ରିଟେନ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିଛି । ଶାସକ 'ଲେବର ପାର୍ଟି'ର ନୂଆ ନେତା ଭାବେ ଆଣ୍ଡି ବର୍ନହାମ୍ ଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏହା ସହିତ ସେ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ସମ୍ପୂର୍ଣ୍ଣ ନିଶ୍ଚିତ ହୋଇଯାଇଛି। ଆସନ୍ତା ଜୁଲାଇ ୨୦ ତାରିଖ ସୋମବାର ଦିନ ସେ ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ୧୦ ଡାଉନିଂ ଷ୍ଟ୍ରିଟ୍ ରେ କାର୍ଯ୍ୟଭାର ସମ୍ଭାଳିବେ । ବର୍ତ୍ତମାନର ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ନିଜ ପଦରୁ ଇସ୍ତଫା ଦେବା ପରେ ଏହି ନେତୃତ୍ୱ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଲେବର ପାର୍ଟିର ୪୦୩ ଜଣ ସାଂସଦଙ୍କ ମଧ୍ୟରୁ ୩୭୯ ଜଣ ବର୍ନହାମ୍ ଙ୍କୁ ସମର୍ଥନ କରିଥିଲେ । କୌଣସି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ସେ ବିନା ବାଧାରେ ଦଳର ସର୍ବୋଚ୍ଚ ନେତା ନିର୍ବାଚିତ ହୋଇଛନ୍ତି । ସୋମବାର ବିଦାୟୀ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆନୁଷ୍ଠାନିକ ଭାବେ କିଙ୍ଗ ଚାର୍ଲ୍ସ



ତୃତୀୟଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିବେ। ଏହାପରେ ମହାରାଜା ଚାର୍ଲ୍ସ ଆଣ୍ଡି ବର୍ନହାମ୍ ଙ୍କୁ ନୂଆ ସରକାର ଗଠନ ପାଇଁ ଆମନ୍ତ୍ରଣ କରିବେ । ୨୦୧୬ ବ୍ରେକ୍ସିଟ ଜନମତ ସଂଗ୍ରହ ପରଠାରୁ ବ୍ରିଟେନରେ ରାଜନୈତିକ ଅସ୍ଥିରତା ଲାଗି ରହିଛି । ଆଣ୍ଡି ବର୍ନହାମ୍ ବିଗତ ୧୦ ବର୍ଷ ମଧ୍ୟରେ ବ୍ରିଟେନର ୭ମ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ଆଣ୍ଡି ବର୍ନହାମ୍ ଗ୍ରେଟର ମାଞ୍ଚେଷ୍ଟରର ମେୟର ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଛନ୍ତି ଏବଂ ସେ ଜଣେ ଚମତ୍କାର ବକ୍ତା ଭାବେ ବେଶ୍ ପ୍ରସିଦ୍ଧ। ଦଳର ନେତା ନିର୍ବାଚିତ ହେବା ପରେ ନିଜର ପ୍ରଥମ ଅଭିଭାଷଣରେ ବର୍ନହାମ୍ କହିଛନ୍ତି, "ଆମେ ଜନସାଧାରଣଙ୍କୁ ପୁଣି ଥରେ ଆଶାର କିରଣ ଦେଖାଇବୁ । ଏହା ମୋ ପାଇଁ ଏବଂ ମୋ ପରିବାର ପାଇଁ ଏକ ଗର୍ବ ଓ ଭାବପୂର୍ଣ୍ଣ ମୁହୂର୍ତ୍ତ । ମୁଁ ଏହି ବଡ଼ ଦାୟିତ୍ୱ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ପ୍ରଧାନମନ୍ତ୍ରୀ ଆସନରେ ବସିବା ମାତ୍ରେ ବର୍ନହାମ୍ ଙ୍କୁ ଦେଶର ମନ୍ଥର ଅର୍ଥନୀତି, ବଢୁଥିବା ମୁଦ୍ରାସ୍ଫୀତି ଏବଂ ସାଧାରଣ ସେବା କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ କରିବାକୁ ପଡ଼ିବ । ସେ ଅର୍ଥନୈତିକ ସଂସ୍କାର, ମଡର୍ଣ୍ଣ ଇଣ୍ଡଷ୍ଟ୍ରିଆଲ୍ ଜବ୍ସ ଏବଂ ସାମାଜିକ କଲ୍ୟାଣ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ସୂଚନା ମିଳିଛି ।

## ଜର୍ଡାନରେ ଆମେରିକା ସେନା ଘାଟି ଉପରେ ଇରାନର ଭୟାବହ ମିସାଇଲ ମାଡ଼ ୨ ଆମେରିକୀୟ ସୈନିକ ମୃତ



ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନରେ ଥିବା ସେନା ଘାଟି ଉପରେ ଇରାନ ପକ୍ଷରୁ ହୋଇଥିବା ମିସାଇଲ ଓ ଡ୍ରୋନ ମାଡ଼ । ଏଥିରେ ୨ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଛନ୍ତି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଦିନ ଏକ ବିବୃତି ଜାରି କରି ଏହି ସୂଚନା ଦେଇଛି । ଏହି ଘଟଣାକୁ ମିଶାଇ ଚଳିତ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ମୃତ୍ୟୁ ହୋଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି ଏବଂ ୪୩୦ ରୁ ଅଧିକ ସୈନିକ ଆହତ ହୋଇଛନ୍ତି ।

ପେଣ୍ଟାଗନ ପକ୍ଷରୁ ଜାରି କରାଯାଇଥିବା ବୟାନ ଅନୁଯାୟୀ, ଗତ ୧୭ ଦିନ ଜର୍ଡାନରେ ଇରାନର ବାଲିଷ୍ଟିକ ମିସାଇଲ ଏବଂ ଡ୍ରୋନ ଆକ୍ରମଣର ପ୍ରତିହତ କରୁଥିବା ସମୟରେ ୨ ଜଣ ଆମେରିକୀୟ ସେନା ଅଧିକାରୀ ଶହୀଦ ହୋଇଥିଲେ । ଏହାସହ ବର୍ତ୍ତମାନ ସୁଦ୍ଧା ଜଣେ ସୈନିକ ନିଖୋଜ ଥିବା କୁହାଯାଇଛି । ଆକ୍ରମଣରେ ଆହତ ହୋଇଥିବା ଅନ୍ୟ ୪ ଜଣ ସୈନିକଙ୍କୁ ତୁରନ୍ତ ଜର୍ଡାନର ସ୍ଥାନୀୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏପଟେ ଆମେରିକାକୁ ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ଖୋଲା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ଆମେରିକା ଇରାନ ଉପରେ ଆକ୍ରମଣ ଜାରି ରଖେ, ତେବେ କେବେ ବି ନ ଭୁଲିବା ଭଳି ଶିକ୍ଷା ମିଳିବ ।

# ମହାକାଶ ଯାତ୍ରାରେ ଭାରତର ଆଉ ଏକ ଐତିହାସିକ ଅଧ୍ୟା, ପ୍ରଥମ ଘରୋଇ ରକେଟ୍ ବିକ୍ରମ୍ ୱାନର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ : ମହାକାଶ କ୍ଷେତ୍ରରେ ଭାରତ ଆଉଏକ ବଡ଼ ସଫଳତା ହାସଲ କରିଛି। ସଫଳତାର ସହ ଉତକ୍ଷେପଣ ହୋଇଛି ପ୍ରଥମ ଘରୋଇ ରକେଟ୍ ବିକ୍ରମ- ୱାନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ବାର୍ତ୍ତା। ସହିତ ଏହି ରକେଟ୍ ଉତକ୍ଷେପଣ କରାଯାଇଥିଲା। ମିସନର ଉଦ୍ଦେଶ୍ୟ, ଉପଗ୍ରହଗୁଡ଼ିକୁ ନିର୍ଦ୍ଦିଷ୍ଟ କକ୍ଷପଥରେ ସ୍ଥାପନ କରିବା। ଉତକ୍ଷେପଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ହାଇଦ୍ରାବାଦସ୍ଥିତ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ କମ୍ପାନି ସ୍କାଏରୁଟ୍



ଏରୋସ୍ପେସ୍ ଦ୍ୱାରା ନିର୍ମିତ ରକେଟ୍ ବିକ୍ରମ- ୱାନ୍ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତକ୍ଷେପଣ କରାଯାଇଛି। ଭାରତର ବେସରକାରୀ ମହାକାଶ କ୍ଷେତ୍ର ପାଇଁ ଏହା ଏକ ମାଇଲଖୁଣ୍ଟ । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରକେଟ୍ ଭାରତୀୟ ବୈଜ୍ଞାନିକମାନଙ୍କ ଦକ୍ଷତାର ପ୍ରମାଣ ଦେଉଛି। ପାରମ୍ପରିକ ଷ୍ଟିଲ୍ ବଦଳରେ ଏହାକୁ ବୈଜ୍ଞାନିକମାନେ ସମ୍ପୂର୍ଣ୍ଣ ହାଲୁକା ଓ ଶକ୍ତ 'ଅଲ୍-କାର୍ବନ କମ୍ପୋଜିଟ୍'ରେ ତିଆରି କରିଛନ୍ତି। ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ?ରେ ବିକ୍ରମ- ୱାନ୍ ମିସନ ଆଗମନ ଉତକ୍ଷେପଣ ହେବାର ଥିଲା । ମାତ୍ର ୫ ମିନିଟ୍ ପୂର୍ବରୁ ଏହାକୁ ମିସନ କଣ୍ଟ୍ରୋଲ୍ ଟିମ୍ ପ୍ଲାନ୍ ?ଡ ହୋଲ୍ ?ଡରେ ରଖିଥିଲେ। ଗ୍ରିନ୍ ସିଗନାଲ୍ ମିଳିବା ମାତ୍ରେ ୧୨ଟା ୫ରେ ଉତକ୍ଷେପଣ କରାଯାଇଥିଲା। ଏଥିରେ ଡକ୍ଟର ବିକ୍ରମ ସାରାଭାଇ, ସିଭି ରମଣ, ଡକ୍ଟର ଏପିଜେ ଅବଦୁଲ କଲାମଙ୍କର ଚାଉଳ ଦାନାଠୁ ଛୋଟ ସୁନାର ମୂର୍ତ୍ତି, ଏକ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ବନ୍ଦେ ମାତରମ୍' ଶୁଭେଚ୍ଛା ବାର୍ତ୍ତା। ପଠାଯାଇଛି । ବିକ୍ରମ-ୱାନ ଏକାଧିକ ଛୋଟ ଉପଗ୍ରହକୁ ପୃଥିବୀ ପୃଷ୍ଠରୁ ପ୍ରାୟ ୪୫୦ କିଲୋମିଟର ଉଚ୍ଚରେ ଲୋ-ଅର୍ଥ ଅର୍ବିଟରେ ପହଞ୍ଚାଇବ । କମ୍ପାନିର ତିନିଟି ଗୁରୁତ୍ୱପୂର୍ଣ୍ଣ ଡେଭଲପମେଣ୍ଟ ମିସନ୍ ମଧ୍ୟରୁ ଏହା ପ୍ରଥମ । ଏହି ମିସନ୍ ସଫଳ ହେବା ପରେ ରକେଟ୍ ନିୟମିତ କମର୍ସିଆଲ୍ ଲଞ୍ଚିଂ ପାଇଁ ବ୍ୟବହାର କରାଯିବ ।

# ଫିଫା ବିଶ୍ୱକପ୍ ଫାଇନାଲ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ,୧୮।୭: ରବିବାର ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍‌ଷର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେବେ ବୋଲି ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସମ୍ପାଦକ କାରୋନିଲ ଲିଆଭିଟ୍ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଟ୍ରଫି ଲଢ଼େଇରେ ଆର୍ଜେଣ୍ଟିନା ଓ ସ୍ପେନ୍ ମୁହାଁମୁହିଁ ହେବେ।



ଏକ ସାମ୍ବାଦିକ ସମ୍ମିଳନୀରେ ଲିଆଭିଟ୍ କହିଛନ୍ତି ଯେ ''ଆମେ ରବିବାରର ଫାଇନାଲ ମ୍ୟାଚ୍‌କୁ ଅପେକ୍ଷା କରିଛୁ। ମୁଁ ଜାଣିଛି ରାଷ୍ଟ୍ରପତି ଏଥିରେ ସାମିଲ ହେବେ। ତାଙ୍କର ଉପସ୍ଥିତିରେ ଆମେରିକା ଇତିହାସରେ ସବୁଠୁ ଅଧିକ ଲୋକ ଦେଖିଥିବା, ସୁରକ୍ଷିତ ଏବଂ ଅଧିକ ସଫଳ ବିଶ୍ୱକପ୍‌ର ପରିସମାପ୍ତି ହେବ।' ଟ୍ରମ୍ପ୍ କେଉଁ ଦଳକୁ ସମର୍ଥନ କରନ୍ତି ପ୍ରଶ୍ନରେ ସେ କହିଥିଲେ, ତାଙ୍କ ପସନ୍ଦ ମୁଁ କହିପାରିବିନି। ସେ ଆପଣମାନଙ୍କୁ ଏହି ମଜାଳିଆ ପ୍ରଶ୍ନର ଉତ୍ତର ଦେଇପାରିବେ।'' ଶନିବାର ନ୍ୟୁୟର୍କ ସିଟି ସ୍ଥିତ ଟ୍ରମ୍ପ ଟାୱାରରେ ହେବାକୁଥିବା ଫିଫା ନେଶ୍ୟଭୋଜିରେ ଆମେରିକା ରାଷ୍ଟ୍ରପତି ଯୋଗ ଦେବେ ବୋଲି ଲିଆଭିଟ୍ ଏହି ଅବସରରେ ସୂଚନା ଦେଇଛନ୍ତି।

# ପେଲେଙ୍କ ୧୯୫୮ ବିଶ୍ୱକପ୍ ଜର୍ସି ୪୭ କୋଟି ଟଙ୍କାରେ ବିକ୍ରି

ନ୍ୟୁୟର୍କ:ବ୍ରାଜିଲ କିଂବଦନ୍ତି ପେଲେ ୧୯୫୮ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ପିନ୍ଧିଥିବା ଜର୍ସି ଶୁକ୍ରବାର ନିଲାମରେ ୪.୯ ମିଲିୟନ୍ ଆମେରିକୀୟ ଡଲାର ତଥା ଭାରତୀୟ ମୁଦ୍ରାରେ ୪୭ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହା ଫୁଟ୍‌ବଲ୍ କିଂବଦନ୍ତିଙ୍କ ସହ ଜଡିତ ସ୍ମୃତିର ସବୁଠୁ ଦାମୀ ଜିନିଷ ବୋଲି ସୋଥେବାୟ କହିଛି। ସ୍ୱିଡେନ୍ ବିପକ୍ଷ ଫାଇନାଲ୍‌ରେ ୧୭ ବର୍ଷ ବୟସରେ ପେଲେ ଏହି ୧୦ ନମ୍ବର ଜର୍ସି ପିନ୍ଧିଥିଲେ। ତାଙ୍କ ଦଳ ଏହି ମ୍ୟାଚ୍‌କୁ




୫-୨ ଗୋଲ୍‌ରେ ଜିତି ପ୍ରଥମ ଥର ବିଶ୍ୱକପ୍ କରାୟତ୍ତ କରିଥିଲା। ଏହି ଜର୍ସି ନିଲାମରେ ୫ ଜଣ ବିଡର ୧୦ ବିଡ୍ ପକାଇଥିଲେ ବୋଲି ନିଲାମକାରୀ ସଂସ୍ଥା କହିଛି। ଫୁଟ୍‌ବଲ୍ ଜର୍ସି ମଧ୍ୟରେ ଏହା ବିକ୍ରି ହେବାରେ ଦ୍ୱିତୀୟ ସର୍ବାଧିକ ଦର। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଆର୍ଜେଣ୍ଟିନା ପାଇଁ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲ୍ ବେଳେ ଡିଏଗୋ ମାରାଡୋନା ପିନ୍ଧିଥିବା ଜର୍ସି ୯.୩ ଆମେରିକୀୟ ଡଲାର (ପ୍ରାୟ ୯୦ କୋଟି ଟଙ୍କା)ରେ ବିକ୍ରି ହୋଇଥିଲା। ୨୦୨୨ରେ ୮୨ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିବା ପେଲେ ୧୯୫୮ ବିଶ୍ୱକପ୍ ଫାଇନାଲ୍‌ରେ ୨ଟି ଗୋଲ୍ ଦେଇଥିଲେ। ତାଙ୍କ ନାମରେ ବିଶ୍ୱକପ୍ ଫାଇନାଲ୍‌ରେ ଗୋଲ୍ କରିବାରେ ସର୍ବକନିଷ୍ଠ ଖେଳାଳି ରହିଛି। ପୂର୍ବରୁ ଏହି ସାର୍ଟ ୨୦୦୪ରେ ୭୦,୫୦୫ ପାଉଣ୍ଡ ତଥା ୧୦୫.୬୦୦ ଆମେରିକୀୟ ଡଲାରରେ ବିକ୍ରି ହୋଇଥିଲା ବୋଲି ସୋଥେବାୟ ପକ୍ଷରୁ ଜଣାପଡିଛି।

# ଫାଇନାଲରେ ସିନ୍ଧୁ

ଟୋକିଓ,୧୮।୭: ବ୍ୟାଡମିଣ୍ଟନରେ ଆସିଲା ଖୁସି ଖବର। ଭାରତର ଷ୍ଟାର ସଟଲର୍ ପିଭି ସିନ୍ଧୁ ଜାପାନ ଓପନ୍ ୨୦୨୬ର ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌ରେ ଇତିହାସ ରଚିଛନ୍ତି। ୩୧ ବର୍ଷୀୟା ସିନ୍ଧୁ ବିଶ୍ୱର ଚତୁର୍ଥ ନମ୍ବର ଖେଳାଳି ଚେନ୍ ୟୁଫେଇଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହିବିଜୟ ସହିତ ସିନ୍ଧୁ ତାଙ୍କର ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ପାଞ୍ଚ ମ୍ୟାଚ୍ ପରାଜୟ ଧାରାକୁ ମଧ୍ୟ ଶେଷ କରିଛନ୍ତି। ଏହି ସେମିଫାଇନାଲ୍ ମ୍ୟାଚ୍‌ରେ, ଯେତେବେଳେ ସିନ୍ଧୁ ୨୧-୧୯, ୧୫-୧୦ରେ ଆଗୁଆ ଥିଲେ, ଚେନ୍ ୟୁଫେଇଙ୍କୁ ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ମ୍ୟାଚ୍ରୁ ବିଦାୟ ନେବାକୁ ପଡିଲା। ଯାହା ଫଳରେ ପିଭି ସିନ୍ଧୁଙ୍କୁ ଫାଇନାଲ୍ ପାଇଁ ଟିକେଟ୍ ମିଳିଥିଲା। ସିନ୍ଧୁ ଆରମ୍ଭରୁ ଚାପ ବଜାୟ ରଖିଥିଲେ- ଏହି ବଡ଼ ମ୍ୟାଚ୍‌ରେ ସିନ୍ଧୁଙ୍କ ରଣନୀତି ସ୍ପଷ୍ଟ ଥିଲା। ଆରମ୍ଭରୁ ନେତୃତ୍ୱ ନେବା ଏବଂ ଏହାକୁ ଦୀର୍ଘ ସମୟ ପାଇଁ ବଜାୟ ରଖିଥିଲେ। ଯଦିଓ ମ୍ୟାଚ୍ଟି ଖରାପ ଭାବରେ ଆରମ୍ଭ ହୋଇଥିଲା, ୟୁଫେଇ ପ୍ରଥମ ଖେଳରେ ନେତୃତ୍ୱ ନେବା ସହିତ, ସିନ୍ଧୁ ଶୀଘ୍ର କମବ୍ୟାକ୍ କରିଥିଲେ ଏବଂ ପ୍ରଥମ ଖେଳର ମଧ୍ୟଭାଗରେ ଚାରି ପଏଣ୍ଟର କମାଣ୍ଡିଂ ଲିଡ୍ ହାସଲ କରିଥିଲେ। ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ୍ ଚେନ୍ ୟୁଫେଇ ପରେ ପ୍ରତ୍ୟାବର୍ତ୍ତନ ଚେଷ୍ଟା କରିଥିଲେ, ସ୍କ ?ରକୁ ୧୯-୧୯ ରେ ସମାନ କରିଥିଲେ। ଏହା ସତ୍ତ୍ୱେ, ସିନ୍ଧୁ ସ୍ଥିର ରହିଥିଲେ ଏବଂ ତାଙ୍କର ପ୍ରଥମ ଗେମ୍ ୨୧-୧୯ରେ ଜିତିଥିଲେ। ଏହି ସିଜନ ସିନ୍ଧୁଙ୍କ ପ୍ରଥମ ଫାଇନାଲ। ଯାହା ସେ ସୁପର ୭୫୦ ଇଭେଣ୍ଟରେ ହାସଲ କରିଛନ୍ତି। ଭାରତୀୟ ଖେଳାଳି ଶେଷ ଥର ପାଇଁ ୨୦୨୪ ମସିହାରେ ଫାଇନାଲ ଖେଳିଥିଲେ, ଯେତେବେଳେ ସେ ସୟଦ ମୋଦି ଇଣ୍ଟରନ୍ୟାସନାଲ ଜିତିଥିଲେ।

# ଆଜି ଚୂଡ଼ାନ୍ତ ଦିନିକିଆ : ଜିତିଲେ ଟ୍ରଫି

ଲର୍ଡ୍ସ,୧୮।୭(ଏଜେନ୍ସି)ଷ: ଆସନ୍ତାକାଲି ଲର୍ଡସରେ ହେବାକୁ ଥିବା ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ଏବଂ ଅନ୍ତିମ ଦିନିକିଆ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ହେବାକୁ ଯାଉଛି। ସିରିଜ ବର୍ତ୍ତମାନ ୧-୧ ସମାନ ସ୍ତରରେ ଅଛି, ଅର୍ଥାତ ଏହି ମ୍ୟାଚର ବିଜେତା ସିରିଜ କବଜା କରିବ। ଟି୨୦ ସିରିଜରେ ପରାଜୟ ବରଣ କରିବା ପରେ, ଭାରତ ଦିନିକିଆ ସିରିଜ ମଧ୍ୟ ହାରିବାରୁ ବଞ୍ଚିବାକୁ ଆଗ୍ରହୀ ହେବ। ଫଳରେ, ଅଧିନାୟକ ଶୁବମନ ଗିଲ ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିବ।

ସମସ୍ତଙ୍କ ନଜର ଏହି ମ୍ୟାଚ ଉପରେ ମଧ୍ୟ ରହିଛି କାରଣ ଏହା ଅନୁମାନ କରାଯାଉଛି ଯେ ଏହା ରୋହିତ ଶର୍ମାଙ୍କ କ୍ୟାରିୟରର ଶେଷ ମ୍ୟାଚ ହୋଇପାରେ। ଯଦିଓ ବିସିସିଆଇ ସଚିବ ଏହାକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛନ୍ତି, ଏହି ଅନୁମାନର ଅର୍ଥ ହେଉଛି ଯେ ମ୍ୟାଚ ଶେଷ ନହେବା ପର୍ଯ୍ୟନ୍ତ ପ୍ରଶଂସକମାନେ ଆରାମ ପାଇବେ ନାହିଁ। ଏହା ପରେ କ'ଣ ନିଷ୍ପତ୍ତି ଆସେ ତାହା ଦେଖିବାକୁ ବାକି ଅଛି।

କାର୍ଡିଫ୍‌ରେ ଦ୍ୱିତୀୟ ଦିନିକିଆ ସମୟରେ ଭାରତକୁ ପରିବର୍ତ୍ତନ କରିବାକୁ ବାଧ କରାଯାଇଥିଲା; କେଏଲ ରାହୁଲ ଅସୁସ୍ଥ ହୋଇପଡ଼ିଥିଲେ, ଏବଂ ଇଶାନ କିଶାନ ପାଦ ଦେଇଥିଲେ। ଯଦି ରାହୁଲ ସୁସ୍ଥ ହୋଇଯାଆନ୍ତି, ତେବେ ତାଙ୍କର ସାମିଲ ହେବା ନିଶ୍ଚିତ, ଅର୍ଥାତ ଇଶାନ ବାହାରେ ବସିବା ସମ୍ଭାବନା ଅଛି। ବ୍ୟାଟିଂ ଲାଇନଅପରେ ଅନ୍ୟ କୌଣସି ପରିବର୍ତ୍ତନ ଆଶା କରାଯାଉନାହିଁ। ରୋହିତ ଏବଂ ଗିଲ ଓପନିଂ କରିବା ନିଶ୍ଚିତ ହୋଇଛି, ଫର୍ମରେ ଥିବା ବିରାଟ





କୋହଲି ତୃତୀୟ ସ୍ଥାନରେ ରହିବେ, ତାଙ୍କ ପରେ ଶ୍ରେୟସ ଆୟର ଅଛନ୍ତି। ପରବର୍ତ୍ତୀ ତିନୋଟି ବ୍ୟାଟିଂ ପୋଜିସନ ରାହୁଲ, ଅକ୍ଷର ପଟେଲ ଏବଂ ଶିବମ ଦୁବେଙ୍କ ମଧ୍ୟରେ ଏପାଖ ସେପାଖ ହେବାର ସମ୍ଭାବନା ଅଛି।

ଅନ୍ତିମ ମ୍ୟାଚ ପାଇଁ, ଗିଲ ପ୍ରସିଦ୍ଧ ସ୍ପିନର କୁଲଦୀପ ଯାଦବଙ୍କୁ ଆଣିପାରନ୍ତି। ଦଳ କୁଲଦୀପଙ୍କ ଅନୁପସ୍ଥିତି ଅନୁଭବ କରିଛି, ଯିଏ ମଧ୍ୟ ଓଭରଗୁଡ଼ିକରେ ୱିକେଟ ନେବା ଏବଂ ରନ ସୀମିତ କରିବାରେ ପାରଙ୍ଗମ। ଏପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଖେଳିଥିବା ୱାଶିଂଟନ ସୁନ୍ଦର ବ୍ୟାଟ କିମ୍ବା ବଲ ସହିତ ପ୍ରଭାବିତ କରିବାରେ ବିଫଳ ହୋଇଛନ୍ତି; ପ୍ରକୃତରେ, ତାଙ୍କୁ ଦ୍ୱିତୀୟ ମ୍ୟାଚରେ ଗୋଟିଏ ବି ଓଭର ଦିଆଯାଇ ନଥିଲା। କୁଲଦୀପଙ୍କୁ ଆଣିବା ବ୍ୟାଟିଂ ଗଭୀରତାକୁ ହ୍ରାସ କରିପାରେ, କିନ୍ତୁ ଏହା ନିଃସନ୍ଦେହରେ ବୋଲିଂ ଆକ୍ରମଣକୁ ବାସ୍ତବରେ ମଜବୁତ କରିବ। ୱାଶିଂଟନ ସୁନ୍ଦର ଆହତ ହେବାରୁ ସେ ଅନ୍ତିମ ଦିନିକିଆରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ହର୍ଷ ଦୁବେଙ୍କ ନାମ ଘୋଷଣା କରାଯାଇଛି।

ଭାରତର ସମ୍ଭାବ୍ୟ ପ୍ଲେଇଂ ଏକାଦଶ:

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ, ଅକ୍ଷର ପଟେଲ, ଶିବମ ଦୁବେ, କୁଲଦୀପ ଯାଦବ, ପ୍ରସିଦ୍ଧ କୃଷ୍ଣ, ଗୁରନୂର ବ୍ରାର, ଜସପ୍ରିତ ବୁମରାହ।

## ରୋହିତ ଓ କୋହଲିଙ୍କ ପାଇଁ ଖାସ୍ ଲର୍ଡ୍ସ

ନୂଆଦିଲ୍ଲୀ,୧୮/୦୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ଏବେ ସବୁଠାରୁ ରୋମାଞ୍ଚକର ପର୍ଯ୍ୟାୟରେ ପହଞ୍ଚିଛି। ଲର୍ଡ୍ସରେ ଅନ୍ତିମ ମ୍ୟାଚ୍ ଟିମ୍ ଇଣ୍ଡିଆର ଅଭିଜ୍ଞ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବ। ଲର୍ଡ୍ସ ଦିନିକିଆ ରୋହିତଙ୍କ ଶେଷ ଦିନିକିଆ ହେବ ଏହି ଚର୍ଚ୍ଚା ଭିତରେ ରୋହିତ କୋହଲିଙ୍କ ସହ ମିଶି ରେକର୍ଡ କରିବାକୁ ଯାଉଛନ୍ତି।

ବିରାଟଙ୍କ ସହ ମିଶି ଇତିହାସ ରଚିବେ ରୋହିତ- ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ, ରୋହିତ ଶର୍ମାଙ୍କ ଦିନିକିଆ ଅବସରକୁ ନେଇ ସୋସିଆଲ ମିଡିଆରେ ଅନେକ ଗୁଜବ ଏବଂ କଳ୍ପନାଜଳ୍ପନା ପ୍ରସାରିତ ହୋଇଛି। ଯାହାକୁ ଈଉଉଓ ଖାରଜ କରିଦେଇଛି। ଏହାରି ଭିତରେ ଏହି ମ୍ୟାଚ୍ ଏକ ବିଶେଷ କାରଣ ପାଇଁ ରୋହିତ ଏବଂ ବିରାଟଙ୍କ ପାଇଁ ଇତିହାସର ଇତିହାସରେ ଲିପିବଦ୍ଧ ହେବ। ଲର୍ଡସରେ ଏହି କିମ୍ବଦନ୍ତୀ ଯୋଡ଼ି ପଡ଼ିଆକୁ ଓହ୍ଲାଇବା ମାତ୍ରେ ଏପରି ଏକ ରେକର୍ଡ ସ୍ଥାପନ କରିବେ ଯାହା ଭାରତୀୟ କ୍ରିକେଟ ଇତିହାସରେ କେହି ହାସଲ କରିନାହାଁନ୍ତି। ରୋ-କୋ ଯୋଡ଼ି ଏକାଠି ୪୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ମାଇଲଖୁଣ୍ଟ ସ୍ଥାପନ କରିବେ। କ୍ରିକେଟ ଇତିହାସରେ ଏହା ପ୍ରଥମ ଥର ହେବ ଯେ ଦୁଇ ଭାରତୀୟ ଖେଳାଳି ଏକାଠି ଏତେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ। ରୋହିତ ଶର୍ମାଙ୍କ ପାଇଁ, ବିରାଟ କୋହଲିଙ୍କ ସହିତ ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିବାରେ ସଫଳ ହେବେ।




ଏହି ଯୋଡିଙ୍କ ନାମରେ ବିଶ୍ୱ ରେକର୍ଡ- ରୋହିତ ଏବଂ ବିରାଟଙ୍କ ଯୋଡ଼ି ଭାରତ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା କ୍ଷେତ୍ରରେ ଇତିହାସର ଅନେକ ମହାନ ଖେଳାଳିଙ୍କୁ ପଛରେ ପକାଇ ସାରିଛନ୍ତି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ସଚିନ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡଙ୍କ କିମ୍ବଦନ୍ତୀ ଯୋଡ଼ି ରହିଛନ୍ତି। ଯେଉଁମାନେ ଏକାଠି ମୋଟ ୩୯୧ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ସମୟରେ, ଶ୍ରୀଲଙ୍କାର କୁମାର ସାଙ୍ଗାକାରା ଏବଂ ମାହେଲା ଜୟବର୍ଦ୍ଧନେଙ୍କ ନାମରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ବିଶ୍ୱ ରେକର୍ଡ ଅଛି। ଏହି ଦୁଇ ଶ୍ରୀଲଙ୍କାର କିମ୍ବଦନ୍ତୀ ଏକାଠି ରେକର୍ଡ ୫୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଇଂଲଣ୍ଡ ବିପକ୍ଷରେ ୧୦୦୦ ରନ୍- ଏମଏସ୍ ଧୋନି, ଯୁବରାଜ ସିଂହ ଏବଂ ବିରାଟ କୋହଲି, ସଚିନ ତେନ୍ଦୁଲକର, ସୁରେଶ ରୈନା, ରାହୁଲ ଦ୍ରାବିଡ଼ ଏବଂ ବୀରେନ୍ଦ୍ର ସେହ୍ୱାଗ ଇଂଲଣ୍ଡ ବିପକ୍ଷରେ ୧୦୦୦ରୁ ଅଧିକ ରନ କରିଛନ୍ତି। ରୋହିତ ଶର୍ମା ବି ଏ ଆଙ୍କ ଛୁଇଁ ପାରିବେ। ସେ ଏବେ ଇଂଲଣ୍ଡ ବିପକ୍ଷରେ ୨୫ ଇନିଂସରେ ୮୮୩ ରନ୍ କରିଛନ୍ତି। ୧୦୦୦ ରନ୍ କରିବାକୁ ତାଙ୍କୁ ୧୧୭ ରନର ଇନିଂସ ଖେଳିବାକୁ ପଡିବ। ଗତ ୨ଟି ମ୍ୟାଚରେ ନିରାଶ କରିଥଲେ ରୋହିତ।

# ହିଟ୍‌ମ୍ୟାନ୍ ରୋହିତଙ୍କ ଅବସରକୁ ନେଇ ମୁହଁ ଖୋଲିଲା ବିସିସିଆଇ

ନୂଆଦିଲ୍ଲୀ,୧୮।୦୭: ଅବସର ନେବେ ରୋହିତ ଶର୍ମା ! ଲର୍ଡ୍ସ ଦିନିକିଆ ହେବ ଶେଷ ମ୍ୟାଚ୍। ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆରେ ଭାରତର ପରାଜୟଠାରୁ ରୋହିତଙ୍କୁ ନେଇ ଏ ଖବର ଅଧିକ ଚର୍ଚ୍ଚାରେ ରହିଛି। ସୋସିଆଲ ମିଡିଆ ଖୋଲିଦେଲେ କେବଳ ଏହି ଗୋଟିଏ ଖବର। ବିଭିନ୍ନ ଜାତୀୟ ଗଣାମାଧ୍ୟମରେ ବି ରୋହିତଙ୍କ ସନ୍ନ୍ୟାସକୁ ନେଇ ଚହଳ ପଡ଼ିଛି। ଲର୍ଡ୍ସରେ ଶେଷ ଦିନିକିଆ ମ୍ୟାଚ୍ ଖେଳିବେ ରୋହିତ ଶର୍ମା। ୨୦୨୭ ବିଶ୍ୱକପ ଖେଳିବେନି ହିଟ୍‌ମ୍ୟାନ୍। ରୋହିତଙ୍କ ଅବସରକୁ ନେଇ ଚର୍ଚ୍ଚା ଉପରେ ମୁହଁ ଖୋଲିଛି ବିସିସିଆଇ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ୍ ବୋର୍ଡ ସଚିବ ଦେବଜିତ୍ ସାଇକିଆ ବଡ଼ କଥା କହିଛନ୍ତି। ସେ ଶୁକ୍ରବାର ବିଳମ୍ବିତ ରାତିରେ ଗଣମାଧ୍ୟମକୁ ସୂଚନା ଦେଇ ରୋହିତଙ୍କ ଅବସର ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି। ଲର୍ଡ୍ସରେ ରୋହିତ ଶେଷ ମ୍ୟାଚ୍ ଖେଳିବେ ନାହିଁ ବୋଲି କହିଛନ୍ତି ଦେବଜିତ୍ ସାଇକିଆ।

ରୋହିତଙ୍କୁ ନେଇ ବିସିସିଆଇର ବଡ଼ ବୟାନ- ବିସିସିଆଇ ସଚିବ ଦେବଜିତ୍ ସାଇକିଆ ରୋହିତ ଶର୍ମାଙ୍କ ଅବସର ନେଇ ଚାଲିଥିବା ସମସ୍ତ ଗୁଜବର ଅନ୍ତ ଘଟାଇଛନ୍ତି। ଏହି ପ୍ରସଙ୍ଗରେ ନୀରବତା ଭାଙ୍ଗି ସେ ହିଟମ୍ୟାନଙ୍କ ପ୍ରଶଂସକଙ୍କୁ କିଛିଟା ଆଶ୍ୱସ୍ତି ଦେଇଛନ୍ତି। ସାଇକିଆ ସ୍ପଷ୍ଟ କରିଛନ୍ତି ଯେ, ଜୁଲାଇ ୧୯ରେ ଲର୍ଡ୍ସରେ ଭାରତ ବନାମ ଇଂଲଣ୍ଡ ତୃତୀୟ ଦିନିକିଆ ରୋହିତ ଶର୍ମାଙ୍କ କ୍ୟାରିୟରର ଶେଷ ମ୍ୟାଚ୍ ହେବନାହିଁ। ତାଙ୍କର ଏହି ବୟାନ ରୋହିତଙ୍କ ଫ୍ୟାନ୍ସଙ୍କୁ ଆଶ୍ୱସ୍ତି କରିଛି। ଦ୍ୱିତୀୟ ଦିନିକିଆ ପରେ ଚର୍ଚ୍ଚା ଜୋର ଧରିଥିଲା କି, ଲର୍ଡ୍ସ ଦିନିକିଆ ରୋହିତଙ୍କ କ୍ୟାରିୟରର ଶେଷ ମ୍ୟାଚ୍ ହୋଇପାରେ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗକର ଏ ବିଷୟରେ ରୋହିତ ଶର୍ମାଙ୍କ ସହ କଥା ହୋଇଛନ୍ତି ଏବଂ ତାଙ୍କୁ କହି ଦିଆଯାଇଛି ଯେ ସେ ୨୦୨୭ ଦିନିକିଆ ବିଶ୍ୱକପ ଯୋଜନାରୁ ବାଦ୍ ପଡିବେ। କିନ୍ତୁ ଏହାକୁ ଗୁଜବ ବୋଲି କହିଛନ୍ତି ବିସିସିଆଇ ସଚିବ ଦେବଜିତ୍ ସାଇକିଆ। ସେ କହିଛନ୍ତି, ରୋହିତ ଭାରତୀୟ କ୍ରିକେଟ୍ ଦଳର ଜଣେ ନିୟମିତ ସଦସ୍ୟ ଏବଂ ଯେପର୍ଯ୍ୟନ୍ତ ଦଳର ଯୋଜନାର ଅଂଶ ଅଛନ୍ତି ସେପର୍ଯ୍ୟନ୍ତ ଦେଶ ପାଇଁ ଖେଳିବେ। ଲର୍ଡ୍ସ ଦିନିକିଆ ତାଙ୍କର ଶେଷ ମ୍ୟାଚ୍ ନୁହେଁ। ରୋହିତଙ୍କ ଭବିଷ୍ୟତ ବିଷୟରେ ପ୍ରସାରିତ ରିପୋର୍ଟ ସମ୍ପୂର୍ଣ୍ଣ ମିଥ୍ୟା। ରୋହିତ ଶର୍ମା ଅବସର ନେବେ ନାହିଁ।'' କିନ୍ତୁ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବରକୁ ବିଶ୍ୱାସ କଲେ ରୋହିତ ହାର ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ସେ ଅବସର ନେବାକୁ ପ୍ରସ୍ତୁତ ନାହାନ୍ତି। ସେ ୨୦୨୭ ବିଶ୍ୱକପ୍ ଖେଳିବାକୁ ଚାହାଁନ୍ତି। ରୋହିତଙ୍କ ଭବିଷ୍ୟତକୁ ବହୁ କଳ୍ପନାଜଳ୍ପନା ଭିତରେ ଦେବଜିତ୍ ସାଇକିଆଙ୍କର ଏହି ବୟାନ ଆସିଛି।

ଏବେ ବି ଟଳିନି ବିପଦ- ରୋହିତ ଶର୍ମାଙ୍କ ଫର୍ମ ବର୍ତ୍ତମାନ ଚିନ୍ତାର କାରଣ। ୨୦୨୭ ବିଶ୍ୱକପ ପାଇଁ ଆହୁରି ଗୋଟିଏ ବର୍ଷରୁ ଅଧିକ ସମୟ ବାକି ରହିଛି। ଯଦି ହିଟମ୍ୟାନ ତାଙ୍କ ଫର୍ମ ଏବଂ ଖେଳିବା ଶୈଳୀରେ ଉନ୍ନତି ନ ଆଣନ୍ତି, ତେବେ ତାଙ୍କୁ ଦଳରୁ ବାହାର କରାଯାଇପାରେ। ଗତ ୮ଟି ମ୍ୟାଚରେ ରୋହିତ ୩୩ ହାରରେ ଏବଂ ୮୬.୬ ଷ୍ଟ୍ରାଇକ୍ ରେଟରେ ମାତ୍ର ୨୪୧ ରନ୍ କରିଛନ୍ତି। ଯେଉଁଥିରେ ତାଙ୍କ ବ୍ୟାଟରୁ କେବଳ ଗୋଟିଏ ଅର୍ଦ୍ଧଶତକ ଆସିଛି।

ରୋହିତଙ୍କୁ ତାଙ୍କ ହିଟମ୍ୟାନ୍ ଅବତାର ଦେଖାଇବାକୁ ପଡ଼ିବ- ରୋହିତ ଏବେ ବି ରନ୍ କରିବେ କିନ୍ତୁ, ତାଙ୍କ ଷ୍ଟ୍ରାଇକ୍ ରେଟ୍ ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା ହୋଇ ରହିଛି। ରୋହିତଙ୍କୁ ତାଙ୍କ ଖେଳରେ ପରିବର୍ତ୍ତନ ଆଣିବାକୁ ପଡିବ। ହିଟମ୍ୟାନ୍ ଅବତାର ଦେଖାଇବାକୁ ପଡିବ। ସେ ଦଳକୁ ଏମିତି ଆକ୍ରମଣାତ୍ମକ ଆରମ୍ଭ ଦେଉଥିଲେ ଯାହା ତାଙ୍କୁ ହିଟମ୍ୟାଚ୍ ଟ୍ୟାଗ୍ ଦେଇଥିଲା। ୨୦୨୩ ବିଶ୍ୱକପରେ ମଧ୍ୟ ସେ ଏହି ଶୈଳୀରେ ବ୍ୟାଟିଂ କରିଥିଲେ। କିନ୍ତୁ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ତାଙ୍କୁ ଅଧିନାୟକ ପଦରୁ କାଢି ଦିଆଗଲା। ଏହା ପରେ ସେ ନିଜର ସ୍ଥାନ ସୁରକ୍ଷିତ ପାଇଁ ବିପଦପୂର୍ଣ୍ଣ ସଟ୍ ଖେଳିବା ବନ୍ଦ କରିଦେଲେ। ଆଟାକିଂ ଖେଳ ବଦଳରେ ସେ ପ୍ରତିରକ୍ଷାତ୍ମକ ଗେମ୍ ଗ୍ରହଣ କରିବା ଆରମ୍ଭ କଲେ। ୱିକେଟ୍ ବଞ୍ଚାଇବା ପ୍ରୟାସରେ, ତାଙ୍କର ରନ୍ ହାର ହ୍ରାସ୍ ପାଇଲା, ଯାହା ସିଧାସଳଖ ତାଙ୍କ ଷ୍ଟ୍ରାଇକ୍ ରେଟ୍ ଉପରେ ପ୍ରଭାବ ପକାଇଲା। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ରୋହିତ ୪୭ ବଲରେ ୨୬ ରନ୍ କରିଥିଲେ। ଯେଉଁଥିରେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

## ଫିଫା ବିଶ୍ୱକପ ଚାମ୍ପିୟନ ଦଳକୁ ମିଳିବ ୫ ଶହ କୋଟି

ୱାଶିଂଟନ,୧୮।୭: ରବିବାର ଖେଳାଯିବ ଫିଫା ବିଶ୍ୱକପ ୨୦୨୬ର ଫାଇନାଲ ମ୍ୟାଚ୍। ଟ୍ରଫି ପାଇଁ ଟକ୍କର କରିବେ ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା ଓ ୧୬ ବର୍ଷ ପରେ ଫାଇନାଲକୁ ଯାଇଥିବା ସ୍ପେନ। ଏହାର ଦିନକୁ ପୂର୍ବରୁ ତୃତୀୟ ସ୍ଥାନ ପାଇଁ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଲଢ଼େଇ ହେବ। ତେବେ ଫିଫା ବିଶ୍ୱକପ ଫାଇନାଲ ଜିତିବାକୁ ଥିବାକୁ ଦଳ କେତେ ଟଙ୍କାର ପୁରସ୍କାର ବାବଦରେ ପାଇବ ରନର୍ସ ଅପ ଠାରୁ ଆରମ୍ଭ କରି ତୃତୀୟ ଓ ଗ୍ରୁପ ଷ୍ଟେଜରୁ ବିଦାୟ ନେଇଥିବା ଦଳଗୁଡ଼ିକୁ ମଧ୍ୟ ଫିଫା ପକ୍ଷରୁ ଆର୍ଥିକ ପୁରସ୍କାର ଦିଆଯିବ। ଫାଇନାଲ ମ୍ୟାଚ ପୂର୍ବରୁ ଏହାର ତଥ୍ୟ ଫିଫା ସାର୍ବଜୀନ କରିଛି। ଫିଫା ବିଶ୍ୱକପର ୨୦୨୬ ସଂସ୍କରଣ ସବୁଠାରୁ ଧନୀ ସଂସ୍କରଣ ହେବାକୁ ଯାଉଛି। ଫିଫାର ୯୬ ବର୍ଷର ଇତିହାସ ମଧ୍ୟରେ ଯାହା ଘଟି ନଥିଲା, ଏଥର ସେମିତି କିଛି ଘଟିବ। କାରଣ ଫିଫା ମୋଟ ୮୭୧ ମିଲିୟନ ଡଲାର ବା ୮୪୦୦ କୋଟି ଟଙ୍କା ପୁରସ୍କାର ବାବଦରେ ଦେବ। ପ୍ରଥମଥର ପାଇଁ ୪୮ଟି ଦେଶକୁ ନେଇ ଏଥର ଫିଫା ବିଶ୍ୱକପ ଖେଳା ଯାଇଥିଲା। ଆମେରିକା, କାନାଡା ଓ ମେକ୍ସିକୋ ମୋଟ ୧୦୪ଟି ମ୍ୟାଚ୍‌ର ଆୟୋଜନ କରିଛନ୍ତି।

ଏବେ ଫାଇନାଲ ମ୍ୟାଚ୍ ଜିତିବାକୁ ଥିବା ଦଳକୁ ଫିଫା ବିଶ୍ୱକପ ଟ୍ରଫି ସହ ମିଳିବ ୫୧ ମିଲିୟନ ଡଲାର ବା ପ୍ରାୟ ୪୯୧ କୋଟି ଟଙ୍କା।ସେହିପରି ଫାଇନାଲ ଯେଉଁ ଦଳ ହାରିବ, ତା'କୁ ୩୩ ମିଲିୟନ ଡଲାର ବା ୩୧୭ କୋଟି ଟଙ୍କା ଦିଆଯିବ। ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ୨୯ ମିଲିୟନ ଡଲାର ବା ୨୭୯ କୋଟି ଓ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରୁଥିବା ଦଳ ୨୭ ମିଲିୟନ ଡଲାର ବା ୨୫୯ କୋଟି ଟଙ୍କା ଘରକୁ ନେବ। କ୍ୱାର୍ଟର-ଫାଇନାଲରେ ପହଞ୍ଚିଥିବା ଦଳ(୫ମରୁ ୮ମ)ଗୁଡ଼ିକୁ ୧୮୨ କୋଟି ଲେଖାଏ, ରାଉଣ୍ଡ ଅଫ୍ ୧୬(୯ରୁ ୧୬ତମ)କୁ ଯାଇଥିବା ଦଳକୁ ୧୪୪ କୋଟି ଓ ରାଉଣ୍ଡ ଅଫ୍ ୩୨(୧୭ରୁ ୩୨)କୁ ଯାଇଥିବା ଦଳ ୧୦୫ କୋଟି ଟଙ୍କା ଲେଖାଏ ପାଇବେ। ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ଦଳଗୁଡ଼ିକୁ ମଧ୍ୟ ପୁରସ୍କାର ରାଶି ବାବଦକୁ ୮୬ କୋଟି ଲେଖାଏ ଦିଆଯିବ। ଫିଫା ପରିଚାଳନା କମିଟି ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ମୋଟ ୭୨୭ ମିଲିୟନ ଡଲାରର ପୁରସ୍କାର ରାଶି ସମ୍ପର୍କରେ ଘୋଷଣା କରିଥିଲା। ଏହା କତରରେ ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପରେ ମିଳିଥିବା ପୁରସ୍କାର ରାଶି ଠାରୁ ୫୦% ଅଧିକ ଥିଲା।

# ଆଜି ଫିଫା ବିଶ୍ୱକପ୍ ଫାଇନାଲ

ୱାଂଶିଟନ,୧୮।୭: ନ୍ୟୁଜର୍ସିର ମେଟଲାଇଫ୍ ଷ୍ଟାଡିୟମ୍‌ର ଆଖି ଝଲସେଇଦେଲାଭଳି ତଥା ରଙ୍ଗବେରଙ୍ଗ ଆଲୋକମାଳାର ସମ୍ଭାର ଯେତେବେଳେ ସବୁଜ ପଡ଼ିଆ ଉପରେ ପଡିବ ସେତେବେଳେ ଫୁଟବଲ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡିହେବ। ୮୦ ହଜାରରୁ ଅଧିକ ଦର୍ଶକଙ୍କ ଗର୍ଜନ, ଜୟଗାନ, ରକମ ରକମ ବାଦ୍ୟର ତାଳ ଓ କୋଟି କୋଟି ପ୍ରାର୍ଥନାର ସ୍ୱରରେ କମ୍ପି ଉଠୁଥିବା ଷ୍ଟାଡିୟମ୍‌ରେ ବିଶ୍ୱ ଫୁଟ୍‌ବଲ୍‌ର ଦୁଇ ମହାରଥୀ ବିଶ୍ୱବିଜେତା ଆର୍ଜେଣ୍ଟିନା ଏବଂ ୟୁରୋପୀୟ ବିଜେତା ସ୍ପେନ୍ ପରସ୍ପରର ସାମ୍ନାରେ ଥିବେ। ବିଶ୍ୱ ଫୁଟ୍‌ବଲ୍‌ର ମହାକୁମ୍ଭ 'ଫିଫା ବିଶ୍ୱକପ୍ ୨୦୨୬'ର ବହୁ ପ୍ରତୀକ୍ଷିତ ମହାଲଇ ବି ଆରମ୍ଭ ହୋଇଯିବ। ରବିବାର ବିଳମ୍ବିତ ରାତିରେ ଖେଳାଯିବାକୁ ଥିବା ଏହି ମହାମୁକାବିଲାକୁ ନେଇ ସାରା ବିଶ୍ୱ ଯେମିତି ପୂରା ଉଲ୍ଲସିତ ଓ ଉତ୍ସବମୁଖର। ସମସ୍ତଙ୍କ ନଜର ଏବେ କେନ୍ଦ୍ରୀଭୂତ ହେଇଛି ସେହି ମେଟ୍‌ଲାଇଫ୍ ଷ୍ଟାଡିୟମ୍ ଉପରେ। ଗୋଟିଏ ଦଳ ଲାଟିନ ଆମେରିକାର ଗର୍ବ ହୋଇଥିଲା ବେଳେ ଅନ୍ୟଟି ହେଉଛି ୟୁରୋପର ମଉଡମଣି।

ଦୀର୍ଘ ୩୮ ଦିନର ସଂଘର୍ଷ, ୪୮ଟି ଦେଶ ମଧ୍ୟରେ ହୋଇଥିବା ତୁମୁଳ ସଂଗ୍ରାମ ଏବଂ ୧୦୩ଟି ମ୍ୟାଚ୍ ପରେ ଆର୍ଜେଣ୍ଟିନା ଓ ସ୍ପେନ୍ ଐତିହାସିକ ଫାଇନାଲ୍ ଟକ୍କର ଖେଳିବାକୁ ଯାଉଛନ୍ତି। ଗୋଟିଏ ପାର୍ଶ୍ୱରେ ଲିଓନେଲ ମେସିଙ୍କ ଶୃଙ୍ଖଳିତ ଓ ଅନୁଭବୀ ବାହିନୀ ଥିଲା ବେଳେ ଅନ୍ୟପଟେ ରହିଛନ୍ତି ଯୁବ ପ୍ରତିଭାଙ୍କ ବଳରେ ବଳିଆନ ସ୍ପେନ୍। ଶୃଙ୍ଖଳିତ ରଣନୀତି, ନିଖୁଣ ପାସିଂ ଓ ଆକ୍ରମଣାତ୍ମକ ଫୁଟବଲ୍‌ରେ ପ୍ରତିପକ୍ଷଙ୍କୁ ନିରବ କରିଆସୁଥିବା ଏହି ଦୁଇ ଦଳ ଏବେ ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ସମ୍ମାନ ଜିତିବାଠାରୁ ଅଛନ୍ତି ମାତ୍ର ଗୋଟିଏ ପାଦ ଦୂରରେ। ମାତ୍ର କିଛି ଘଣ୍ଟାର ଅପେକ୍ଷା ପରେ ଏହି ମହାଲଇ ଆରମ୍ଭ ହୋଇଯିବ ଭାରତୀୟ ସମୟ ରାତି ୧୨ଟା ୩୦ରେ।

ରେକର୍ଡ କିନ୍ତୁ ଆର୍ଜେଣ୍ଟିନା ଆଡକୁ ଢଳି ରହିଛି। ଆର୍ଜେଣ୍ଟିନା ଲଗାତାର ଦ୍ୱିତୀୟ ଏବଂ ମୋଟ ଉପରେ ଚତୁର୍ଥ ଥର ପାଇଁ (ପୂର୍ବରୁ ୧୯୭୮, ୧୯୮୬ ଓ ୨୦୨୨ରେ ବିଜେତା ହୋଇସାରିଛି) ବିଶ୍ୱବିଜେତା ହେବାକୁ ଲିବ। ୨୦୧୦ରେ






ପ୍ରଥମ ଥର ଫାଇନାଲ୍ ଖେଳି ବିଜେତା ହୋଇଥିବା ସ୍ପେନ୍ ୧୬ ବର୍ଷ ପରେ ଦ୍ୱିତୀୟ ବାର ଏହି ସ୍ମରଣୀୟ ସଫଳତା ଦୋହରାଇବାକୁ ପଡିଆକୁ ଓହ୍ଲାଇବ। ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ଦୃଷ୍ଟିରୁ ଆର୍ଜେଣ୍ଟିନା (୭) ସ୍ପେନ୍ (୨)ଠାରୁ ଯଥେଷ୍ଟ ଆଗରେ ରହିବ। ଉଭୟ ଦଳ ବିଶ୍ୱକପ୍‌ର କେଣସି ମ୍ୟାଚ୍‌ରେ ୬୦ବର୍ଷ ପରେ ଭେଟାଭେଟି ହେବାକୁ ଯାଉଥିବାରୁ ରବିବାରର ଫାଇନାଲ୍ ଆହୁରି ସ୍ୱତନ୍ତ୍ର ଓ ମହତ୍ତ୍ୱବହନ କରୁଛି। ଅବଶ୍ୟ ବିଶ୍ୱକପ୍‌ରେ ସ୍ପେନ୍ ଓ ଆର୍ଜେଣ୍ଟିନା କେବଳ ଥରେ ମୁହାଁମୁହିଁ ହୋଇଛନ୍ତି। ୧୯୬୬ ବିଶ୍ୱକପ୍‌ରେ ହୋଇଥିବା ସେହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ୨-୧ରେ ବିଜୟୀ ହୋଇଥିଲା। ଉଭୟ ଦଳ ମଧ୍ୟରେ ୧୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିବାବେଳେ ସ୍ପେନ୍ ୬ଟି ଓ ଆର୍ଜେଣ୍ଟିନା ୫ଟିରେ ବିଜୟୀ ହୋଇଛି। ଦୁଇଟି ମ୍ୟାଚ୍ ଡ୍ର' ରହିଛି। ସେହି ଦୃଷ୍ଟିରୁ ଉଭୟଙ୍କ ବଳ ସମାନ ଥିଲା ଭଳି ମନେ ହେଉଛି। ଏଣୁ ରବିବାରର ଫାଇନାଲ୍ ଫାଇଟ୍ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

କୋଚ୍ ଲୁଇସ୍ ଡି ଲା ଫୁଏଣ୍ଟେଙ୍କ ପ୍ରଶିକ୍ଷଣରେ ସ୍ପେନ୍ ଏଥର ପୂରା ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ଗ୍ରୁପ୍ ପର୍ଯ୍ୟାୟରେ କେପ୍ ବର୍ଡେ ସହ ଗୋଲ୍‌ଶୂନ୍ୟ ଡ୍ର' ପରେ ସାଉଦି ଆରବକୁ ୪-୦ ଓ ଉରୁଗୁଏକୁ ୧-୦ରେ ପରାସ୍ତ କରି ଗ୍ରୁପ୍ ଶୀର୍ଷରେ ରହିଥିଲା। ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ପେନ୍ ଅଷ୍ଟ୍ରିଆକୁ ୩-୦ରେ ହରାଇବା ପରେ ପର୍ତ୍ତୁଗାଲ୍ ଓ ବେଲଜିୟମ୍ ବିପକ୍ଷରେ ପ୍ରଭାବୀ ଓ ପରାକ୍ରମୀ ବିଜୟ ହାସଲ କରିଥିଲା। ସେମିଫାଇନାଲ୍‌ରେ ଶକ୍ତିଶାଳୀ ଫ୍ରାନ୍ସକୁ ୨-୦ରେ ପରାସ୍ତ କରି ୨୦୧୦ ପରେ ପ୍ରଥମଥର ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଥିଲା। ବଡ କଥା ହେଲା ସମଗ୍ର ପ୍ରତିଯୋଗିତାରେ ସ୍ପେନ୍ କେବଳ ଗୋଟିଏ ଗୋଲ୍ ବରଣ କରିଛି।

ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନାର ବିଶ୍ୱକପ୍ ଯାତ୍ରା ବି ରୋମାଞ୍ଚରେ ଭରପୂର ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଆଲ୍‌ଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ୍‌କୁ ପରାସ୍ତ କରି ମେସି ବାହିନୀ ଅପରାଜିତ ଭାବେ ନକ୍‌ଆଉଟ୍‌କୁ ପହଞ୍ଚିଥିଲା। ନକ୍‌ଆଉଟ୍‌ରେ କେପ୍ ବର୍ଡେ, ଇଜିପ୍ଟ, ସ୍ୱିଜରଲ୍ୟାଣ୍ଡ ଏବଂ ସେମିଫାଇନାଲ୍‌ରେ ଇଂଲଣ୍ଡ ବିପକ୍ଷରେ ୮୪ ମିନିଟ୍ କାଳ ପଛୁଆ ରହିବା ସତ୍ତ୍ୱେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଫାଇନାଲ୍ ଟିକେଟ ହାସଲ କରିଥିଲା। ଅଧିନାୟକ ଲିଓନେଲ୍ ମେସି ଏଥର ବିଶ୍ୱକପ୍‌ରେ ୮ଟି ଗୋଲ୍ ଦେଇ ଏବଂ ୪ଟିରେ ସହଯୋଗ କରି କରି ସୁନା ଜୋତା ଜିତିବା ଦୌଡ଼ରେ ସବୁଠୁ ଆଗରେ ଅଛନ୍ତି। ବିଶ୍ୱକପ୍ ଇତିହାସରେ ତାଙ୍କର ମୋଟ ଗୋଲ୍ ସଂଖ୍ୟା ୨୧ରେ ପହଞ୍ଚିଛି।

ସମ୍ଭାବ୍ୟ ପ୍ରାରମ୍ଭିକ ଏକାଦଶ

ଆର୍ଜେଣ୍ଟିନା: ଏମିଲିଆନୋ ମାର୍ଟିନେଜ୍ (ଗୋଲ୍‌ରକ୍ଷକ), ନାହୁଏଲ୍ ମୋଲିନା, କ୍ରିଷ୍ଟିଆନ୍ ରୋମେରୋ, ଲିସାଣ୍ଡ୍ରୋ ମାର୍ଟିନେଜ୍, ନିକୋଲାସ୍ ଟାଗ୍ଲିଆଫିକୋ, ଲିଆଣ୍ଡ୍ରୋ ପାରେଡେସ୍, ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର, ଏନ୍‌ଜୋ ଫର୍ଣ୍ଣାଣ୍ଡେଜ୍, ଜୁଲିଆନୋ ସିମିଓନେ, ଲିଓନେଲ୍ ମେସି (ଅଧିନାୟକ), ଜୁଲିଆନ୍ ଆଲଭାରେଜ୍।

ସ୍ପେନ୍: ଉନାଇ ସିମୋନ୍ (ଗୋଲ୍‌ରକ୍ଷକ), ପେଡ୍‌ରୋ ପୋରୋ, ଆମେରିକ୍ ଲାପୋର୍ଟ, ପାଉ କୁବାର୍ସି, ମାର୍କ କୁକୁରେଲା, ରୋଡ୍ରି (ଅଧିନାୟକ), ଫାବିଆନ୍ ରୁଇଜ୍, ଲାମିନ୍ ୟାମାଲ୍, ଡାନି ଓଲ୍‌ମୋ, ଆଲେକ୍ସ ବାଏନା, ମିକେଲ୍ ଓୟାର୍ଜାବାଲ୍।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ